ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.06 Bhubaneswar Tuesday, February 08, 2022 | ୨୫ତମ ବର୍ଷ ସଂଖ୍ୟା–୦୬ ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୦୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ସଂସଦରେ କଂଗ୍ରେସ ଉପରେ ବର୍ଷିଲେ ପ୍ରଧାନମନ୍ତ୍ରୀ, ଓଡିଶାର ଉଦାହରଣ ଦେଲେ



ନୂଆଦିଲ୍ଲୀ,୭।୨(ପି.ଏନ): ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ପ୍ରସ୍ତାବ ଅବସରରେ ଆଜି ଲୋକସଭାରେ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଉ ଏହି ଅବସରରେ ସେ ଓଡିଶାର ଉଦାହରଣ ଦେଇଛନ୍ତି ।ପ୍ରଧାନମନ୍ତ୍ରୀ କହିଛନ୍ତି, ୧୯୯୫ ପରେ ଓଡ଼ିଶାରେ ଆଉ କଂଗ୍ରେସ କ୍ଷମତାକୁ ଆସିପାରି ନାହିଁ। ସେହିପରି ନାଗାଲାଣ୍ଡ ଓ ଗୋଆରେ ୨୮ ବର୍ଷ ହେଲା ଜିତିପାରିନି। ତାମିଲନାଡୁରେ ୧୯୬୨ ପରେ ଦଳ ଆଉ କ୍ଷମତାକୁ ଫେରିନି। ଗୁଜରାଟ ଓ ୟୁପିରେ ବି ଦଳ ଆଉ କ୍ଷମତାକୁ ଆସି ପାରୁନି। କିନ୍ତୁ ଏତେ ପରାଜୟ ପରେ ବି କଂଗ୍ରେସ ତାର ଅହଙ୍କାର ଛାଡ଼ିପାରିନି ।ସେ କହିଛନ୍ତି, ଅନ୍ଧ ବିରୋଧ ଲୋକତନ୍ତ୍ରର ପରିପନ୍ଥୀ। କରୋନା ଲକ୍ ?ଡାଉନ୍ ? ଚାଲିଥିବା ବେଳେ କଂଗ୍ରେସ ସବୁ ସୀମା ଡେଇଁଗଲା। ଶ୍ରମିକମାନଙ୍କୁ ମାଗଣା ଟିକେଟ ଦେଇ ଘରକୁ ପଠାଇ ସଂକ୍ରମଣ ବଢ଼ାଇଥିଲା। କରୋନା ମୋଦି ଛବିକୁ ମଳିନ କରିଦେବ ବୋଲି କିଛି ଲୋକ ଭାବିଥିଲେ। କଂଗ୍ରେସର କେତେ ନେତା ଲୋକଙ୍କୁ କରୋନା ସଚେତନ କରିଥିଲେ ? ମହାତ୍ମା ଗାନ୍ଧିଙ୍କ ସ୍ୱପ୍ନ ସାକାର ହେବା କଂଗ୍ରେସ ଚାହୁଁନି ।କଂଗ୍ରେସକୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଆପଣଙ୍କ ବିରୋଧ ଦେଖିଲେ ଲାଗୁଛି ଆପଣମାନେ ମନସ୍ଥିର କରିଛନ୍ତି ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ କ୍ଷମତାକୁ ନଆସିବାକୁ। ପିଢ଼ି ପରେ ପିଢ଼ି ମହଲରେ ବସିଥିବା ଲୋକ ଚାଷୀଙ୍କ ଦୁଃଖ ବୁଝିପାରିବେନି ।ସେମାନଙ୍କୁ ଚାଷୀଙ୍କ ନାଁ ନେଇ ରାଜନୀତି କରିବାର ଅଧିକାର ନାହିଁ। ଆପଣଙ୍କ ପାଇଁ ଫାଇଲ ବଡ଼। ଆମ ପାଇଁ ଲୋକଙ୍କ ଲାଇଫ୍ ବଡ଼ ।ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି, ଦେଶକୁ ଉତ୍ତୁଙ୍ଗ ଶିଖରରେ ପହଞ୍ଚାଇବାକୁ ଆମେ ସଂକଳ୍ପ ବଦ୍ଧ। ଦେଶ ସଶକ୍ତ ହୋଇ ଆଗକୁ ବଢ଼ି ଚାଲିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କୁ ପକ୍କା ଘର ଦିଆଯାଉଛି। ଗରିବଙ୍କୁ ପକ୍କା ଘର, ଶୌଚାଳୟ ଓ ରନ୍ଧନ ଗ୍ୟାସ୍ ଯୋଗାଇ ଦିଆଯାଇଛି। କରୋନା ଆରମ୍ଭରେ ବିଶ୍ୱ ଭାବୁଥିଲା ଭାରତ ମୁକାବିଲା କରିପାରିବନି। ଆଜି ଭାରତ ତାର ଶକ୍ତି ପ୍ରଦର୍ଶନ କରିଛି।

## ୮ରେ ଘନ କୁହୁଡି, ୯ରୁ ବର୍ଷା ସମ୍ଭାବନା

ଭୁବନେଶ୍ୱର,୭।୨(ପି.ଏନ): ଆସନ୍ତା ୯ ତାରିଖରୁ ଦୁଇଦିନ ପର୍ଯ୍ୟନ୍ତ ଓଡିଶା ଉପରେ ପଶ୍ଚିମା ଝଡର୍ ପ୍ରଭାବ ରହିବ। ଏହାର ପ୍ରଭାବରେ ଆଗାମୀ ୯ ଓ ୧୦ ତାରିଖରେ ଓଡ଼ିଶାର କେତେକ ଜିଲ୍ଲାରେ ସାମାନ୍ୟରୁ ମଧ୍ୟମ ଧରଣ ବର୍ଷା ହୋଇପାରେ। ଏହା ବ୍ୟତୀତ ୯ ତାରିଖରେ କେତେକ ଜିଲ୍ଲାରେ ଘନ କୁହୁଡି ହେବାର ସମ୍ଭାବନା ଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ୭ ଓ ୮ ତାରିଖରେ ରାଜ୍ୟରେ ପାଗ ଶୁଖିଲା ରହିବ। ୯ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା,କଟକ, ଜଗତସିଂହପୁର, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ,ନୟାଗଡ଼, ଅନୁଗୋଳ, ଢେଙ୍କାନାଳ ଓ କନ୍ଧମାଳ ଜିଲ୍ଲାରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ସେହିପରି ସେମିତି ୧୦ ତାରିଖରେ ସୋନପୁର, ବରଗଡ଼, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର,ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ରହିଛି। ଆଉ ୧୧ ତାରିଖରେ ପାଗ ଶୁଖିଲା ରହିବ।

## ସ୍କୁଲ ଖୋଲିଲା, ପିଲାଙ୍କ ଖୁସିରେ ମୁଁ ବି ବହୁତ ଖୁସି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୨(ପି.ଏନ): ଆଜି ଆମ ସମସ୍ତଙ୍କ ପାଇଁ ଏକ ଐତିହାସିକ ଦିନ। ପ୍ରାୟ ଦୁଇ ବର୍ଷ ପରେ ଆଜି ସ୍କୁଲ ଘଂଟା ବାଜିଲା । ପିଲାମାନେ ଆଜି ସ୍କୁଲ ଗଲେ । ମହାପ୍ରଭୁଙ୍କ ଆଶୀର୍ବାଦ, ଆପଣମାନଙ୍କ ସହଯୋଗ ଓ କୋଭିଡ ଯୋଦ୍ଧାଙ୍କ ତ୍ୟାଗ ଯୋଗୁ ଏହା ସମ୍ଭବ ହୋଇପାରିଛି । ଗତ ଦୁଇ ବର୍ଷ ହେଲା କରୋନା ଯୋଗୁ ଜୀବନ ଯାତ୍ରା ପ୍ରଭାବିତ ହୋଇଥିଲା । ସ୍କୁଲ ଖୋଲିବା ହେଉଛି, ସ୍ୱାଭାବିକ ଅବସ୍ଥା ଫେରିବାର ଶୁଭ ସୂଚନା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ପିଲାମାନଙ୍କୁ ଏକ ବାର୍ତ୍ତା ଦେଇ କହିଛନ୍ତି ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦୁଇ ବର୍ଷ ହେଲା ତୁମେମାନେ ଘର ଭିତରେ ରହିଥିଲ। ସାଙ୍ଗସାଥି ଖେଳକୁଦ ସବୁ ବନ୍ଦ ଥିଲା । ମୁଁ ଜାଣେ ଆଜି ସ୍କୁଲ ଖୋଲିବା ନିଷ୍ପତି ତୁମ ମାନଙ୍କୁ ବହୁତ ଖୁସି ଦେଇଛି । ତୁମ ମାନଙ୍କ ଖୁସିରେ ମୁଁ ବି ବହୁତ ଖୁସି । ପାଠପଢା ସହିତ ସାଙ୍ଗସାଥି, ନାଚଗୀତ, ଖେଳକୁଦ, ଖୁସି ମଜା ସବୁ କିଛି ଆଗଭଳି ଚାଲିବ । ଆମେ ପୁଣି ଆଗକୁ ବଢିବା ବୋଲି ସେ ପିଲାମାନଙ୍କୁ ଭରସା ଦେଇଛନ୍ତି ।ପିଲାମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ତୁମକୁ ସତର୍କ ରହିବାକୁ ହେବ । କୋଭିଡ ଗାଇଡଲାଇନ ଠିକ୍ ଭାବରେ ପାଳନ କରିବ। ସ୍କୁଲ ସମୟରେ ଓ ବାହାରେ ମାସ୍କ ଠିକ୍ ଭାବରେ ପିନ୍ଧିବ । ବାରମ୍ବାର ସାବୁନରେ ହାତ ଧୋଇବ। କୋଭିଡ ନିୟମ ପାଳନରେ କେବେ ବି ହେଳା କରିବ ନାହିଁ। ପାଠପଢାରେ ଯାହା କିଛି କ୍ଷତି ହୋଇଛି, ତାକୁ ପୂରଣ କରିବା ପାଇଁ ଆମେ ଦିନରାତି ପରିଶ୍ରମ କରିବା । ପିଲାମାନଙ୍କର କିଛି ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି ।ଏହି ଅବସରରେ ଶିକ୍ଷକ ମାନଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ‘ଆମ ସଂସ୍କୃତିରେ ଗୁରୁଙ୍କୁ ଆମେ ଭଗବାନ ଭାବରେ ସମ୍ମାନ କରୁ। ଗୁରୁଙ୍କ ଆଶୀର୍ବାଦ, ମାର୍ଗଦର୍ଶନ ହିଁ ଜୀବନରେ ସଫଳତା ଆଣିଥାଏ। କୋଭିଡ ଯୋଗୁ ସବୁଠାରୁ ଅଧିକ କ୍ଷତି ହୋଇଛି ପିଲାମାନଙ୍କର ଓ ସେମାନଙ୍କ ପାଠପଢାର। ତେଣୁ ଆମେ ସମସ୍ତେ ମିଶି ସେ କ୍ଷତି ଭରଣା କରିବା। କୋଭିଡ ଯୋଗୁ ପାଠପଢାରେ ଯେଉଁ କ୍ଷତି ହୋଇଛି, ତାକୁ ଆପଣମାନେ ହିଁ ପୂରଣ କରିପାରିବେ । ଆପଣମାନେ ସବୁବେଳେ କୋଭିଡ ନିୟମ ପାଳନ ପାଇଁ ମଧ୍ୟ ବିଶେଷ ଦୃଷ୍ଟି ଦିଅନ୍ତୁ ।’ ଶିକ୍ଷକ ମାନଙ୍କ ଦାୟିତ୍ୱରେ ଏବେ ପିଲାମାନେ ରହିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ପିଲାଙ୍କ ବିନା ସ୍କୁଲ ପ୍ରାଣହୀନ । ପିଲାଙ୍କ ବିନା ସ୍କୁଲର ଅର୍ଥ କିଛି ନାହିଁ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବହୁ ଦିନ ପରେ ସ୍କୁଲ ଆଜି ପୁଣି ଚଳଚଂଚଳ ହୋଇଛି । ପିଲାଙ୍କ କୋଳାହଳରେ ସ୍କୁଲ ଆଜି ନୂଆ ଜୀବନ ପାଇଛି । ସ୍କୁଲ ପରିଚାଳନା ବୋର୍ଡକୁ ପିଲାଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି । ପିତାମାତା ଓ ଅଭିଭାବକ ମାନେ ପିଲାଙ୍କୁ ସ୍କୁଲ ଛାଡନ୍ତୁ ଏବଂ ଭଲ ଭାବରେ ମାସ୍କ ପିନ୍ଧାଇ ଛାଡନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। କୋଭିଡ ଗାଇଡଲାଇନ ଠିକ୍ ଭାବରେ ପାଳନ କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବାକୁ ମୁଖ୍ୟମନ୍ତ୍ରୀ ଅଭିଭାବକ ମାନଙ୍କୁ ଅନୁରୋଧ କରିଛନ୍ତି । ପିଲାଙ୍କ ଖୁସିରେ ପରିବାରର ଖୁସି ବୋଲି ସେ କହିଛନ୍ତି ।ତୁମମାନଙ୍କ ପିଢି ମାନବ ଇତିହାସର ସବୁଠାରୁ କଠିନ ପରିସ୍ଥିତିକୁ ସାମ୍ନା କରିଛି ଏବଂ ଭବିଷ୍ୟତ ଆହ୍ୱାନର ମୁକାବିଲା ପାଇଁ ଏ ଅଭିଜ୍ଞତା ତୁମକୁ ସାହସ ଓ ଶକ୍ତି ଦେବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ସେ ପିଲାମାନଙ୍କ ଉପରେ ଦୃଢ ଆସ୍ଥା ପ୍ରକାଶ କରି କହିଛନ୍ତି ଯେ ‘ମୋର ପୂରା ବିଶ୍ୱାସ, ତୁମେମାନେ, ତୁମମାନଙ୍କ ସଫଳତା ଦ୍ୱାରା, ମାନବ ସମାଜକୁ ଆହୁରି ଉଜ୍ଜଳ ଭବିଷ୍ୟତ ଆଡକୁ ଆଗେଇ ନେବ।’ ଉଲ୍ଲେଖନୀୟ ପ୍ରାୟ ଦୁଇ ବର୍ଷ ପରେ ଆଜି ରାଜ୍ୟରେ ସ୍କୁଲ ଖୋଲିଛି। ଅଷ୍ଟମ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିଥିବା ବେଳେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ୧୪ ତାରିଖରେ ଖୋଲିବ।

## ଚକାପାଦରେ ମମତାଙ୍କ ଲାଗି ପ୍ରଚାର କଲେ ସାଂସଦ ଅଚ୍ୟୁତ ସାମନ୍ତ

ଫୁଲବାଣୀ,୭।୨(ପି.ଏନ):ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଆଜି କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକରେ ବିଜେଡି କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ । ଏଥିରେ ବ୍ଲକ୍ ?ର ୬ ନମ୍ବର ଜୋନ୍? ଜିଲ୍ଲା ପରିଷଦ ବିଜେଡି ପ୍ରାର୍ଥିନୀ ମମତାରାଣୀ ବେହେରାଙ୍କ ସପକ୍ଷରେ କର୍ମୀମାନଙ୍କୁ ଘରକୁ ଘର ବୁଲି ପ୍ରଚାର କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ବହୁମୁଖୀ ଯୋଜନାର ସୁଫଳ କିପରି ଲୋକଙ୍କ ନିକଟରେ ପହଞ୍ଚି ପାରିଛି ସେ ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇବା ସହ ବିଜେଡି ପ୍ରାର୍ଥିନୀ ମମତାରାଣୀଙ୍କ ବିଜୟ ସୁନିଶ୍ଚିତ କରିବାକୁ ଶ୍ରୀ ସାମନ୍ତ ଆହ୍ୱାନ ଦେଇଥିଲେ । ପରେ କାଇଁଝର ଗ୍ରାମ ପଞ୍ଚାୟତର ବଦୃଗୁଡା, କୁମ୍ଭାର ସାହି, ପିପୁଡ ?ଇଠାରେ ବିଜେଡି କୋର ସଦସ୍ୟଙ୍କ ସହ ନିର୍ବାଚନ ପରିଚାଳନା ନେଇ ଆଲୋଚନା କରିଥିଲେ । ସେହିପରି ବାଡିମୁଣ୍ଡା ପଞ୍ଚାୟତର ଓଲିଂଘୋଷାଠାରେ ବିଜେଡିର ଛାମୁଆ ସଦସ୍ୟଙ୍କ ସହ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ଆଲୋଚନା କରିଥିଲେ । ବିଭିନ୍ନ ସ୍ଥାନରେ ଦଳୀୟ କର୍ମୀମାନେ ସାଂସଦ ଶ୍ରୀ ସାମନ୍ତଙ୍କୁ ନିକଟରେ ପାଇ ବେଶ ଉତ୍ସାହିତ ହୋଇଥିଲେ । ଏହି ଅବସରରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ ଯେଭଳି ଭଲ ପ୍ରଦର୍ଶନ କରିବ ସେଥିପାଇଁ ଶ୍ରୀ ସାମନ୍ତ ସମସ୍ତ କର୍ମୀଙ୍କ ସହଯୋଗ କାମନା କରିଥିଲେ ।

## ପଂଚାୟତ ନିର୍ବାଚନ ପ୍ରଚାରକୁ ନେଇ କୋହଳ ହେଲା କଟକଣା: ଏବେ ୩ ଶହ ଲୋକଙ୍କୁ ହୋଇ ପାରିବ ସଭା

ଭୁବନେଶ୍ୱର,୭।୨(ପି.ଏନ): ପଂଚାୟତ ନିର୍ବାଚନ ପ୍ରଚାରକୁ ନେଇ କଟକଣାକୁ କୋହଳ କରାଯାଇଛି । ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏବେ ୩ଶହ ଲୋକଙ୍କୁ ନେଇ ସଭା କରାଯାଇ ପାରିବ । ସେହିପରି ୫ ଜଣ ବଦଳରେ ୨୦ ଜଣଙ୍କୁ ନେଇ କରିପାରିବେ ଡୋର ଟୁ ଡୋର କ୍ୟାମ୍ପେନିଂ କରାଯାଇ ପାରିବ ।

## ପୌର ନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ ୧୦ରେ

ଭୁବନେଶ୍ୱର, ୭।୨(ପି.ଏନ): ପୌର ନିର୍ବାଚନ ଲାଗି ଆଗାମୀ ୧୦ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେ। ଅବାଧ ଏବଂ ନିରପେକ୍ଷ ପୌର ନିର୍ବାଚନ ଲାଗି ସବୁ ରାଜନୈତିକ ଦଳମାନଙ୍କ ସହ ଆଲୋଚନା ଲାଗି ରାଜ୍ୟ ନିର୍ବାଚନ କମିଶନ ଏହି ବୈଠକ ଡାକିଛନ୍ତି।୧୦ ତାରିଖ ପୂର୍ବାହ୍ନ ସାଢେ ୧୧ଟା ବେଳେ ଗୀତଗୋବିନ୍ଦ ସଦନରେ ଏହି ବୈଠକ ଅନୁଷ୍ଠିତ ହେବ। ଏଥିରେ ପ୍ରତି ଦଳର ଜଣେ ପ୍ରତିନିଧିଙ୍କୁ ଯୋଗ ଦେବା ଲାଗି କୁହାଯାଇଛି।

## ଗୋଟିଏ ଦିନରେ ୧୪୯୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୭।୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୪୯୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୬୮୩୦୮ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨୮୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୩୭୯୭୬ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୧୫୨୫ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୪୯୭ ଜଣଙ୍କ ମଧ୍ୟରୁ ୮୭୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୫୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୭୧ , ବାଲେଶ୍ୱର ଜିଲ୍ଲାରୁ ୫୦ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ପୁଲିସ୍ ଭୟରେ ଘର ଛାଡି କିଆ ବୁଦାରେ ରହୁଛନ୍ତି ଲୋକେ

ପାରାଦୀପ : ଗାଁରେ ଅଛି ନିଜ ଘର। ହେଲେ ପଡିଛି ତାଲା। ଜୀବନ ବିକଳରେ ଗାଁ ଲୋକେ ଲୁଚିଛନ୍ତି କିଆ ବୁଦାରେ। କେବଳ ଖାଇବା ପାଇଁ ମୁହଁରେ ଲୁଗା ଗୁଡାଇ ଆସି ଚୁପ୍ ?କିନା ଖାଇ ଚାଲି ଯାଉଛନ୍ତି। ଏଥିରେ ମଧ୍ୟ ରହିଛି ଭୟ। କାଳେ ଗିରଫ ହୋଇଯିବେ କି ? ଏପରି ଭୟରେ ଜୀବନ ଅତିବାହିତ କରୁଛନ୍ତି ଜଗତସିଂହପୁର ଢିଙ୍କିଆ ଗାଁର ଲୋକେ। ଜାନୁଆରୀ ୧୪ ତାରିଖରେ ଆନ୍ଦୋଳନକାରୀଙ୍କ ଉପରେ ହୋଇଥିବା ଲାଠି ଚାର୍ଜ ପରଠାରୁ ଗାଁ ଲୋକେ ଏମିତି ଜୀବନ ଅତିବାହିତ କରୁଛନ୍ତି। ପୁଲିସ୍ ? ଭୟରେ ଗାଁକୁ ଫେରିବାକୁ ସାହସ କରିପାରୁ ନାହାନ୍ତି ।ଜମି ଅଧିଗ୍ରହଣକୁ ବିରୋଧ କରିବାରୁ ଜାନୁଆରୀ ୧୪ ତାରିଖରେ ଘଟିଥିଲା ଲାଠି ଚାର୍ଜ। ଏହି ଘଟଣା ପରଠାରୁ ଗାଁର ବହୁ ଲୋକ ଘର ଛାଡି ପଳାଇ ଯାଇଛନ୍ତି। କିଏ କେଉଁଠି ପଳାଇ ଯାଇଛନ୍ତି, କେହି ଜାଣିନାହାନ୍ତି।



ଏବେ ମଧ୍ୟ ବହୁ ଲୋକ ନିଜ ପରିବାର ଓ ଆତ୍ମୀୟସ୍ୱଜନଙ୍କୁ ଖୋଜୁଛନ୍ତି। ଆଜି ପର୍ଯ୍ୟନ୍ତ କାହା ଘରେ ଚୂଲି ଜଳୁନାହିଁ। ଅଧିକାଂଶ ଘରେ ତାଲା ଝୁଲୁଛି। ପୁଲିସ ଭୟରେ ସେମାନେ ଆତ୍ମଗୋପନ କରିଥିବା ଜଣାପଡିଛି ।କୁଜଙ୍ଗ ଗାଁର ଶକୁନ୍ତଳା ସାମଲ କହିଛନ୍ତି, ଘରେ ଆମକୁ କେବେ ରଖାଇ ଦେଉନାହାନ୍ତି। ଆମେ ଆସି ଭାତ ବା ?ଥିବୁ, ସେମାନେ ପହଞ୍ଚି ଯାଉଛନ୍ତି। ଭାତ ଥାଳି ସେଇଠି ଥୋଇ, ଆମେ ପଳାଇ ଯାଉଛୁ। ପାନ ବରଜକୁ ଜବରଦସ୍ତ ଭାଙ୍ଗୁଛନ୍ତି। ଆମେ ପ୍ରତିବାଦ କରିପାରୁନାହୁଁ। ସେଠାକୁ ଗଲେ ଗିରଫ କରିଦେଉଛନ୍ତି। ତେଣୁ ଗାଁରେ ରହିପାରୁନାହୁଁ ବୋଲି ଶକୁନ୍ତଳା କହିଛନ୍ତି ।ସେପଟେ ଆଉ ଜଣେ ଢିଙ୍କିଆବାସୀ କହିଛନ୍ତି, “ଗତକାଲି ଆମ ପାନ ବରଜ ଜବରଦସ୍ତ ଭାଙ୍ଗି ଦେଇଛନ୍ତି। ଘରେ ପୁଅ ଓ ଝିଅ କେହି ନାହାନ୍ତି। ଏବେ କେମିତି ଚଳିବୁ ?”ଗଡ଼କୁଜଙ୍ଗ, ଢିଙ୍କିଆ ଓ ନୂଆଗାଁ ଆଦି ତିନି ପଞ୍ଚାୟତର ମାଟି ହେଉଛି ଉର୍ବର। ସେଥିପାଇଁ ସେଠାରେ ଲୋକମାନେ ପାନ ଚାଷ କରନ୍ତି। ଆଉ କିଆଫୁଲ ତୋଳି ବିକ୍ରି କରିଥାଆନ୍ତି। ବର୍ଷକୁ ଏସବୁରୁ ୨ରୁ ୩ ଲକ୍ଷ ଯାଏଁ ରୋଜଗାର ହୋଇଥାଏ। ସେଥିରେ ଚଳୁଥିଲା ପୂରା ପରିବାର। ହେଲେ ଏବେ ଏହି ଜମିକୁ ରାଜ୍ୟ ସରକାର ଔଦ୍ୟୋଗିକ ଦେଇଦେଉଛି। ସେଠାରେ ହେବ ଷ୍ଟିଲ୍ ? ପ୍ଲାଣ୍ଟ। ଏଥିପାଇଁ କ୍ଷତିପୂରଣ ବାବଦକୁ ମିଳୁଛି ମାତ୍ର ୫୦ ହଜାର ଟଙ୍କା। ଯେଉଁ ଚାଷୀଙ୍କୁ ମାସିକ ୨ରୁ ୩ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ମିଳୁଥିଲା, ସିଏ ଥରକେ ୫୦ ହଜାର ଟଙ୍କା ପାଇଲେ, ତାହା ସମୁଦ୍ରକୁ ଶଙ୍ଖ ? ସଦୃଶ ହେଉଛି। ଏପରି ସ୍ଥିତିରେ ଲୋକେ ଚଳିବେ କେମିତି ? କେମିତି ଜୀବନ ଜୀବିକା ସ୍ୱାଭାବିକ ହେବ।

## ଖୋଲିଲା ଅଷ୍ଟମରୁ ଦ୍ୱାଦଶ ପର୍ଯ୍ୟନ୍ତ ପିଲାଙ୍କ ନିମନ୍ତେ ବିଦ୍ୟାଳୟ : ପ୍ରଥମ ଦିନର ଉପସ୍ଥାନ ଉତ୍ସାହଜନକ

ଭୁବନେଶ୍ୱର, ୭।୨(ପି.ଏନ): ରାଜ୍ୟର ସମସ୍ତ ଜିଲ୍ଲାରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନଙ୍କ ନିମନ୍ତେ ଶିକ୍ଷାନୁଷ୍ଠାନ ଖୋଲିଛି । ୩୭,୫୩୩ଟି ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଉପଜାତି ପରିଚାଳିତ ବିଦ୍ୟାଳୟ ଏବଂ ଅଣ ଅନୁଦାନପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ୨୪,୪୫,୪୦୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଆଜି ପ୍ରଥମ ଦିବସରେ ୧୪,୪୨,୭୯୦ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଯୋଗଦେଇଥିଲେ । ଦେବଗଡ଼ ଜିଲ୍ଲାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ସର୍ବାଧିକ ୮୫ ପ୍ରତିଶତ ବିଦ୍ୟାର୍ଥୀ ଉପସ୍ଥାନ ଦେଇଥିବାବେଳେ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ସର୍ବାଧିକ ୯୧ ପ୍ରତିଶତ ରହିଥିଲା । କେନ୍ଦ୍ରାପଡ଼ା ଜିଲ୍ଲାରେ ଉଚ୍ଚ ପ୍ରାଥମିକ ସ୍କୁଲରେ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ୭୭ ପ୍ରତିଶତ ହୋଇଥିଲା । ଉଚ୍ଚ ମାଧ୍ୟମିକ କ୍ଷେତ୍ରରେ ଦେବଗଡ଼ ସହିତ ବାଲେଶ୍ୱର, ବଲାଙ୍ଗୀର, ଝାରସୁଗୁଡ଼ା,କେନ୍ଦ୍ରାପଡ଼ା, କେଉଁଝର ଏବଂ ସମ୍ବଲପୁର ଜିଲ୍ଲାମାନଙ୍କରେ ଉପସ୍ଥାନ ହାର ବହୁତ ଭଲ ରହିଛି । ମାଧ୍ୟମିକ ସ୍ତରରେ ଅନୁଗୋଳ, କେନ୍ଦ୍ରାପଡ଼ା, କେଉଁଝର, କଟକ, ଗଞ୍ଜାମ, ରାୟଗଡ଼ା ଏବଂ ବରଗଡ଼ ଜିଲ୍ଲାରେ ଉପସ୍ଥାନ ଉତ୍ସାହଜନକ ଅଛି। ପ୍ରାଥମିକ ସ୍ତରରେ ଅଷ୍ଟମ ଶ୍ରେଣୀରେ କେନ୍ଦ୍ରାପଡ଼ା ଜିଲ୍ଲା ସହିତ ଅନୁଗୋଳ, ବଲାଙ୍ଗୀର, କଟକ, ଦେବଗଡ଼, କେଉଁଝର ଜିଲ୍ଲାମାନଙ୍କରେ ପିଲାମାନଙ୍କ ଉପସ୍ଥାନ ହାର ବହୁତ ଭଲ ରହିଛି । ଓଡ଼ିଶା ଆଦର୍ଶ ବିଦ୍ୟାଳୟମାନଙ୍କରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କର ଉପସ୍ଥାନ ମଧ୍ୟ ଖୁବ୍ ଭଲ ରହିଛି । ଗଞ୍ଜାମ ଜିଲ୍ଲାରେ ମଧ୍ୟ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଭଲ ରହିଛି । ବ୍ରହ୍ମପୁରସ୍ଥିତ ସରକାରୀ ବାଳିକା ବିଦ୍ୟାଳୟରେ ଆଜି ଉପସ୍ଥାନ ୬୦ ପ୍ରତିଶତ ରହିଥିବାବେଳେ ହିଞ୍ଜିଳିକାଟୁର କଞ୍ଚୁରା ସରକାରୀ ବିଦ୍ୟାଳୟ, କୁକୁଡ଼ାହାଣ୍ଡିର ହୁଗୁଳାପୋଟା କୃଷକ ବିଦ୍ୟାଳୟ, ପାତ୍ରପୁର, ସାମନ୍ତିଆପଲ୍ଲିସ୍ଥିତ ମହନ୍ତଶ୍ରୀ ପରଙ୍କୁଶ ବିଦ୍ୟାଳୟ, ରଙ୍ଗେଇଲୁଣ୍ଡା ବ୍ଲକ୍ କଲୋନିସ୍ଥିତ ପିଓପିଏସ୍ ଏବଂ ରଙ୍ଗିପୁର ଏନ୍‌ୟୁପିଏସ୍(ଅଷ୍ଟମ ଶ୍ରେଣୀ)ରେ ବିଦ୍ୟାର୍ଥୀଙ୍କ ଉପସ୍ଥାନ ଉତ୍ସାହଜନକ ରହିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସମସ୍ତ ବିଦ୍ୟାଳୟରେ ଶତପ୍ରତିଶତ ଶିକ୍ଷକ ଏବଂ କର୍ମଚାରୀଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇ ସାରିଛି । ବିଦ୍ୟାଳୟରେ ପଢୁଥିବା ୧୫ରୁ ୧୮ ବର୍ଷ ବୟସର ପିଲାମାନଙ୍କ ମଧ୍ୟରୁ ୫୫ ପ୍ରତିଶତଙ୍କୁ ଟିକା ଦିଆଯାଇ ସାରିଥିବାବେଳେ ଅବଶିଷ୍ଟ ୪୫ ପ୍ରତିଶତଙ୍କୁ ଖୁବ୍ ଶୀଘ୍ର ଟିକା ପ୍ରଦାନ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ । ଶିକ୍ଷକମାନଙ୍କୁ ଥର୍ମାଲ ସ୍କ୍ରିନିଂ, ସାମାଜିକ ଦୂରତା ଏବଂ ମାସ୍କ ପରିଧାନ ପରି ଉପଯୁକ୍ତ କୋଭିଡ୍ ମାର୍ଗଦର୍ଶିକାର କଡ଼ା ଅନୁପାଳନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷକ ଏବଂ ନିରୀକ୍ଷଣ ଅଧିକାରୀମାନଙ୍କୁ ମଧ୍ୟ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଦ୍ୟାର୍ଥୀ ଏବଂ କର୍ମଚାରୀଙ୍କ ସ୍ୱାସ୍ଥ୍ୟଜନିତ ସମସ୍ୟା ସମ୍ବନ୍ଧରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ବିଦ୍ୟାଳୟ ଖୋଲାଯିବା ପରେ କୌଣସି ସମସ୍ୟା ଉପୁଜିଲେ ଏହାକୁ ତଦାରଖ କରିବାକୁ ଓସେପା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ସେଲ୍ ଖୋଲାଯାଇଛି ।ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ସ୍କୁଲ ଆଗାମୀ ୧୪ ଫେବୃଆରୀରୁ ଆରମ୍ଭ ହେବ ବୋଲି ସରକାରଙ୍କ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଛି ।

## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ଜ୍ୟୋତିର୍ବିଦ ପଣ୍ଡିତ ହରିହର

ଆବିର୍ଭାବ : ୦୩.୦୭.୧୯୩୨

ତିରୋଧାନ : ୨୯.୦୧.୨୦୨୨

ମହତ ପଲ୍ଲୀ , ନୟାଗଡ

ଆଜି ଦଶାହରେ ଆମେ ସମସ୍ତେ ଆପଣଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ । ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁ । ଆପଣଙ୍କ ଆତ୍ମା ପରମ ଶାନ୍ତି ଓ ସଦ୍‌ଗତି ଲାଭ କରୁ ।

ଶୋକ ସନ୍ତପ୍ତ : ଜ୍ୟୋଷ୍ଠ ପୁତ୍ର – ବିଭୁ ଆଚାର୍ଯ୍ୟ , ଜ୍ୟୋଷ୍ଠ ପୁତ୍ର ବଧୂ : ପୂଜା , କନିଷ୍ଠ ପୁତ୍ର : ନୀରୋଦ, କନିଷ୍ଠ ପୁତ୍ର ବଧୂ : ଦୀପା , କନ୍ୟା : ସବିତା , ଜ୍ୱାଇଁ : ପ୍ରମୋଦ, ନାତିନାତୁଣୀ ଓ ପରିବାରବର୍ଗ।









## ଟି ଟାଇମ୍

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁଁ ଯାଂଚ କରିପାରିବ ? ହଁ କାହିକିଁ ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ଼୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଅଜବ ବନ୍ଧୁତା

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ପୋଷା ଜୀବ ବିନା ମୁହୁର୍ତ୍ତେ ବଞ୍ଚିବାକୁ ଇଚ୍ଛା କରନ୍ତି ନାହିଁ । ଇଣ୍ଡୋନେସିଆର ସୁରାବାୟା ସହରରେ ରହୁଥିବା ହାଣ୍ଡାକୋ ନଜୋଟୁକାସାମା ତାଙ୍କର ପୋଷା କୁକୁର ଗୁଡିକୁ ତାଙ୍କୁ ପୁଅ ଝିଅ ପରି ଭଲ ପାଆନ୍ତି । ସେ ଯୁଆଡେ ଯାଆନ୍ତି କୁକୁର ଦୁଇଟିକୁ ସଙ୍ଗରେ ନେଇ ଯାଆନ୍ତି । ସେ ଏହି କୁକୁରଗୁଡିକର ସୁରକ୍ଷା ଓ ଷ୍ଟାଇଲର ପୁରାପୁରି ଯତ୍ନ ନିଅନ୍ତି । ସେ ସ୍କୁଟିରେ କୁକୁର ଦୁଇଟିକୁ ନେବା ସମୟରେ ମୁଣ୍ଡରେ ସେମାନଙ୍କୁ ହେଲମେଟ ଓ ଆଖିରେ ଚଷମା ପିନ୍ଧନ୍ତି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଙ୍ଗୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ‘ପର୍ଯ୍ୟବେକ୍ଷକ’ ୭ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

–ପ୍ରକାଶକ




# କୋଣାର୍କ ମାଘମେଳା





ଆମମାନଙ୍କ ଭିତରୁ କେହି କେହି କୋଣାର୍କ ଦେଖିଛନ୍ତି। କୋଣାର୍କର ସୂର୍ଯ୍ୟମନ୍ଦିର ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଅନ୍ୟତମ। ଏହାକୁ ଅର୍କକ୍ଷେତ୍ର ବୋଲି କୁହାଯାଏ। ଏହା ସୂର୍ଯ୍ୟଙ୍କର ପୂଜାସ୍ଥଳୀ।

'ଅର୍କ' ନାମରେ ଗୋଟିଏ ଦୈତ୍ୟଥିଲା। ସେ ଅର୍କ ଦୈତ୍ୟକୁ ସୂର୍ଯ୍ୟ ଏହି ସ୍ଥାନରେ ବଧ କରିଥିଲେ। ଏହି ଦୃଷ୍ଟିରୁ ଏହାକୁ ଅର୍କକ୍ଷେତ୍ର ବାଲି ମଧ୍ୟ ଲୋକେ କୁହନ୍ତି। ହେଲେ, ଏହାକୁ କୋଣାର୍କ କାହିଁକି କୁହାଯାଏ? ଏହି କ୍ଷେତ୍ରଟି ଏକ ପବିତ୍ର କ୍ଷେତ୍ର। ଆମେ ଯେଉଁ କ୍ଷେତ୍ର କଥା କହୁଛେ ତାହାର ଉତ୍ତରରେ ମହୋଦଧିବା ସମୁଦ୍ର। ଦକ୍ଷିଣରେ ଓଡ଼ିଶା ବିଖ୍ୟାତ ଚନ୍ଦ୍ରଭାଗା ନଦୀ। ଏମାନଙ୍କର ମଧ୍ୟବର୍ତ୍ତୀ ସ୍ଥାନହିଁ କୋଣାର୍କ। ଏହା ଜମ୍ବୁଦ୍ୱୀପର ଅଗ୍ନିକୋଣରେ ଅବସ୍ଥିତ। ଏଠାରେ ଗଙ୍ଗା କୋଟି ତୀର୍ଥ ଧରି ପ୍ରବାହିତ ହୁଅନ୍ତି। ଏଠାରେ ସ୍ନାନକରି ଯିଏ ସୂର୍ଯ୍ୟଙ୍କ ଦର୍ଶନ କରନ୍ତି, ସେମାନଙ୍କର କୋଟି ପାପ ନାଶହୁଏ। ମନୋସ୍କାମନା ପୂର୍ଣ୍ଣହୁଏ।

ଚନ୍ଦ୍ରଙ୍କ ସହିତ ସମକକ୍ଷ ହୋଇପାରି ନଥିବରୁ ଜଳପତିଙ୍କର ମନକଷ୍ଟ ଥିଲା। ସେ ଏହି ସ୍ଥାନରେ ଥିବା ଏକ କଳ୍ପବଟ ମୂଳେ ନଅଲକ୍ଷ ବର୍ଷ ସୂର୍ଯ୍ୟଙ୍କୁ ନଦେଖି ତପସ୍ୟା କଲେ। ଏକଦା ଅର୍କଦୈତ୍ୟ ବୁଲୁବୁଲୁ ସେ ସ୍ଥାନରେ ପହଞ୍ଚିଲା ଏବଂ ଜଳପତିଙ୍କୁ ଖାଇବାକୁ ଉଦ୍ୟତ ହେଲା। ସୂର୍ଯ୍ୟ ଏହାକୁ ଦେଖି ତାକୁ ବାରଣ କଲେ। କିନ୍ତୁ ସେ ଶୁଣିଲା ନାହିଁ। ପ୍ରଥମେ ଏ ଯାଗାଟିର ଦାବୀଦାର ନେଇ ଯୁଦ୍ଧ ଆରମ୍ଭ ହେଲା। ତା'ପରେ ଅର୍କଦୈତ୍ୟର ଜଳପତିଙ୍କୁ ନେଇ ଖାଦ୍ୟ। ଏନେଇ ଘମାଘୋଟ ଯୁଦ୍ଧ ହେଲା। ଦୈତ୍ୟ ସହଜେ ମଲା ନାହିଁ। ଶେଷରେ ସେହି ଚନ୍ଦ୍ରଭାଗାର କଳ୍ପବଟ ସ୍ଥାନରେ ସୂର୍ଯ୍ୟଦେବତା ଅର୍କଦୈତ୍ୟର ଛାତିରେ ମାଡ଼ିବସି ପ୍ରାଣ ନେଲେ। ଏ ସ୍ଥାନଟି ଅଗ୍ନିକୋଣରେ ଅବସ୍ଥିତ। ଏଥିପାଇଁ ଅଗ୍ନିକୋଣର ସୂର୍ଯ୍ୟଦେବତା ଅର୍କ ଅର୍କଦୈତ୍ୟକୁ ମାରିଥିବାରୁ ଏହାର ନାମ କୋଣାର୍କରେ ନାମିତ ହୋଇଅଛି।

ମହାଭାରତର ଶାନ୍ତି ପର୍ବରେ ଲେଖାଅଛି :

ପୃଥ୍ୱୀ ଅଗ୍ନିକୋଣେ ଯହୁଁ ଦୈତ୍ୟ ହେଲା ହତ
ତେଣୁ ସେ କୋଣାର୍କ ନାମେ ହୋଇଛି ବିଖ୍ୟାତ।।
ଏହା ଥିଲା ସେଦିନ ମାଘ ଶୁକ୍ଳପକ୍ଷ ସପ୍ତମୀ ଗୁରୁବାର।

*ମକର, ଶୁକ୍ଳପକ୍ଷ ଚଉଠି ଯେ ଦିନ*
*ସେ ରାଜାଙ୍କୁ କଲେ ସୂର୍ଯ୍ୟ ଦରଶନ।।*
*ସୂର୍ଯ୍ୟଙ୍କୁ ଦେଖି ରାଜା ସତବାର ନମିସ୍ତବେ*
*କହେ ଦୈତ୍ୟହାତୁ ରକ୍ଷା କର ସ୍ୱାମୀ।"*
*-ବନ ପର୍ବ (ମହାଭାରତ)*

ଏଣୁ 'କଣୟ' ଏହି 'ଅର୍କାସୁର' ନାମକୁ ଧ୍ୟାନ ଦେଇ ଏହାର ନାମ କୋଣାର୍କ ରଖାଯାଇଅଛି।

*"ଚଳିଗଲେ ବାରିଧି ଅଗ୍ନିକୋଣ ଆଡ଼େ*
*ଅର୍କଦୈତ୍ୟକୁ ଚାପିଲେ ମହୋଦଧି ଜଳେ।"*

ଏହି ସ୍ଥାନରେ କୃଷ୍ଣଙ୍କ ପୁତ୍ର ଶାମ୍ୱ ୧୨ବର୍ଷ ତପସ୍ୟା କରିଥିଲେ। ଶେଷରେ ଏହି ମାଘ ଶୁକ୍ଳପକ୍ଷ ସପ୍ତମୀ ଦିନ ତାଙ୍କ ତପସ୍ୟାର ୨୧ଦିନର କଠିନ ସୂର୍ଯ୍ୟ ଉପାସନା ପରେ ଚନ୍ଦ୍ରଭାଗାରେ ବୁଡ଼ ପକାଇ କୁଷ୍ଠ ରୋଗରୁ ମୁକ୍ତ ହେଲେ। ପୁରାଣ କୁହେ :

*"ନାରଦ କହିଲେ ଶାମ୍ୱ ଚାଲ ଏହି କ୍ଷଣ*
*ଚନ୍ଦ୍ରଭାଗା କୂଳେ ସେବ ସୂର୍ଯ୍ୟ ନାରାୟଣ।।*
*ଭକ୍ତି ଛଳେ ଅର୍କ ଦୈତ୍ୟ ମାରି ନିରଞ୍ଜନ*
*ରଖିଲେ ସେହି ତୀର୍ଥର କୋଣାର୍କ ନାମ।।"*

ପୁନଶ୍ଚ ପଞ୍ଚୁପାଣ୍ଡବମାନେ ତାଙ୍କ ବନବାସ ବେଳେ ଓଡ଼ିଶାରେ ଅବସ୍ଥାନ କାଳରେ ଏହି ସ୍ଥାନରେ କିଛିଦିନ ଅବସ୍ଥାନ କରି ଚନ୍ଦ୍ରଭାଗାରେ ଏହି ମାଘ ସପ୍ତମୀ ଦିନ ବୁଡ଼ ପକାଇ ପାପ ମୁକ୍ତ କାମନା କରିବା ସହିତ ଜୀବନ ଯାତ୍ରାରେ ଜୟ ମନାସିଥିଲେ। ଏକଥା ମଧ୍ୟ ସାରଳାଦାସଙ୍କ ମହାଭାରତରେ ଉଲ୍ଲେଖ ଅଛି।

ମାଘ ସପ୍ତମୀ ଦିନଟି ସୂର୍ଯ୍ୟ ଦେବତାଙ୍କର ଜନ୍ମତିଥି ଦୃଷ୍ଟିରୁ ମଧ୍ୟ ଏକ ଧାର୍ମିକ ଗୁରୁତ୍ୱପୂର୍ଣ୍ଣ ଦିବସ ଅଟେ।

ସୂର୍ଯ୍ୟ ପୂଜା ଉଦ୍ଦେଶ୍ୟର ଲାଙ୍ଗୁଳା ନରସିଂହ ଦେବ ୧୨ବର୍ଷ କାଳ ୧୨ଶହ ବଢ଼େଇ ଲଗେଇ ୧୨୫୬ ମସିହାରେ ସେ ସମୟରେ ୪୦କୋଟି ରାଜସ୍ୱ ବ୍ୟୟରେ ସୂର୍ଯ୍ୟ ମନ୍ଦିର ପ୍ରତିଷ୍ଠା କରିଥିଲେ। ଏହି ପ୍ରତିଷ୍ଠା ଦିବସଟି ଥିଲା ମାଘ ଶୁକ୍ଳ ସପ୍ତମୀ ତିଥି। ଏହାମଧ୍ୟ ବହୁ ପୁରାଣ ସିଦ୍ଧ।

ମୂଳ ସୂର୍ଯ୍ୟ ମନ୍ଦିର ୧୬୨୧-୧୬୨୭ ମସିହା ମଧ୍ୟରେ ସାମୁଦ୍ରିକ ଝଡ଼ ପ୍ରଭାବରୁ ଭାଙ୍ଗି ଯାଇଥିଲା। କେତେକ ଐତିହାସିକମାନଙ୍କ ମତରେ ଏହାକୁ କଳାପାହାଡ଼ ଷୋଡଶ ଶତାବ୍ଦୀରେ ଭାଙ୍ଗି ଦେଇଥିଲା। ଆଉ କେହି କୁହନ୍ତି ବ୍ରିଟିଶ ପଣ୍ୟବାହୀ ଜାହଜର ଚୁମ୍ବକୀୟ ପ୍ରଭାବରୁ ଏହା ଭାଙ୍ଗିପଡ଼ିଥିଲା। ତେବେ ଯାହା ହେଉ କୋଉ ଦୂର ଅତୀତରୁ ଏଠାରେ ମାଘମେଳା ଚାଲିଛି; ବୁଡ଼ ପଡୁଛି ଏବଂ ସେହି ଧାର୍ମିକ ବିଶ୍ୱାସରେ ପାପ କ୍ଷୟ ହେଉଛି।



ସେହି ମହାଭାରତକୁ ଆଧାରକରି ଭିନ୍ନ କାହାଣୀ ଅଛି। ଏ ସ୍ଥାନକୁ କୀର୍ତ୍ତି ଆଉ ବାସ ବୋଲି ଦୁଇ ଭାଇ ଭୋଗ ଦଖଲ କରୁଥିଲେ। ଏଠାକୁ ବୁଡ଼ ପକାଇବାକୁ ଆସୁଥିବା ଲୋକଙ୍କୁ ସେମାନେ ହଇରାଣ କରୁଥିଲେ। ଋଷିମାନେ ଏକଥା ଶିବ ଓ ପାର୍ବତୀଙ୍କୁ ଜଣାଇବାରୁ, ପାର୍ବତୀ ଗଉରୁଣୀ ବେଶରେ ଆସି ସେମାନଙ୍କୁ ନିପାତ କଲେ। ସେଦେବେଳେ ସେ ଦୁହେଁ ସେ ଜାଗାର ନାମ 'କୀର୍ତ୍ତି ଓ ବାସ' ବୋଲି ରଖିବା ନିମନ୍ତେ ପାର୍ବତୀଙ୍କୁ ଅନୁରୋଧ କରିଥିଲେ : ମହାଭାରତ ବନପର୍ବ। ଲୋମ ନାମକ ଜଣେ ଋଷି ଯୁଧିଷ୍ଠିରଙ୍କୁ ଚନ୍ଦ୍ରଭାଗାର ମାହାତ୍ମ୍ୟ ସମ୍ପର୍କରେ କିଛି କହିଛନ୍ତି ଯେ, କଣୟ ନାମକ ଜଣେ ରାଜା ଏଠାରେ ରାଜୁତି କରୁଥିଲେ। ସେ ପ୍ରଜାମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିନପାରି ଦୁଃଖରେ ପୁତ୍ର ହସ୍ତରେ ରାଜ୍ୟଭାର ନ୍ୟସ୍ତକରି ଏଇଠି ସୂର୍ଯ୍ୟଦେବଙ୍କୁ ପଞ୍ଚଦଶ ବର୍ଷ ତପସ୍ୟା କଲେ। ସେଠାରେ ଦୈତ୍ୟ ଅର୍କାସୁରନାମକ ଜଣେ ଦୈତ୍ୟଟିଏ ତାଙ୍କୁ ହଇରାଣ କଲା। ଏଣୁ ରାଜା ସୂର୍ଯ୍ୟଙ୍କ ଶରଣ ପଶିଲେ। ସୂର୍ଯ୍ୟ ତାକୁ ମହୋଦଧିରେ ବୁଡ଼ାଇ ମାରିଲେ।

*"ପୁତ୍ରକୁ ରାଜ୍ୟ ଦେଇଣ କଣୟ ରାଜନ*
*ଚନ୍ଦ୍ରଭାଗା ତୀର୍ଥେ ସେ ବସିଲେ ଯାଇଣ।।ତହିଁ*
*ବସି କରତାର (ସୂର୍ଯ୍ୟ) ଧ୍ୟାନ ସେହି କଲେ*
*ପଞ୍ଚଦଶ ବର୍ଷ ଏକ ଆସନ ବସିଲେ।।*

ମହାଭାରତରେ ବର୍ଣ୍ଣିତ ଅଛି ଯେ ଏଠାରେ ମାଘ ସପ୍ତମୀ ତିଥିରେ ରାତ୍ରୀ ଉଜାଗର ରହି ସକାଳୁ ସୂର୍ଯ୍ୟ ଦର୍ଶନ ପୂର୍ବକ ସ୍ନାନ,ଦାନ ଓ ଧର୍ମ ଯିଏ କରେ ତା'ଠୁ ବଳି ପୂଣ୍ୟାତ୍ମା ସଂସାରେ କେହି ନାହିଁ।

*"ସପ୍ତମୀର ସ୍ନାନ, ଦାନ, ଧର୍ମ ଯେହୁ କରେ*
*ତାହା ସମ ପୁଣ୍ୟାତ୍ମା କେହି ନାହିଁ ଏ ସଂସାରେ*
*କୋଣାର୍କ ବୋଲିଣ ଯେହୁ ଅଟେ ତୀର୍ଥ ଗୋଟି*
*ତାହାକୁ ସମାନ ନୁହେଁ ତୀର୍ଥ କୋଟି କୋଟି*
*କୋଟି କୋଟି ଗୋରୁଦାନ କୋଟି ଅଶ୍ୱଗଜ*
*କୋଟି ଏକ କନ୍ୟା ପୁଣି କୋଟି ଏକ ରାଜ୍ୟ।*
*କୋଟି ପର୍ବତ ସମ ଦାନ ଦେଲେ ହିରା*
*ତଥାପି ସମ ନୋହିବେ ଅର୍କତୀର୍ଥ ପରା!"*

କୋଣାର୍କ ସୂର୍ଯ୍ୟ ଉପାସନାର ପୌରାଣିକ ମତେ ଏକ ଶ୍ରେଷ୍ଠସ୍ଥାନ। ଓଡ଼ିଆମାନଙ୍କର ଧର୍ମ-ଧାରଣା ଓ ବିଶ୍ୱାସର ପରମ୍ପରାକୁ ନେଇ ବୋଧହୁଏ ତ୍ରୟୋଦଶ ଶତାବ୍ଦୀରେ ଲାଙ୍ଗୁଳା ନରସିଂହଦେବ ଏଠାରେ ସୂର୍ଯ୍ୟମନ୍ଦିର ସ୍ଥାପନ କରିବାର ଏକ ମୁଖ୍ୟ କାରଣ ହୋଇପାରେ।

**ବିପିନବିହାରୀ ମହାନ୍ତ**
*ବିକାଶ ନଗର, ଜଟଣୀ, ଖୋର୍ଦ୍ଧା।*
*ମୋ: ୯୯୩୮୩୪୪୧୩୮*

## କୋଶମ୍ୱ ରାଜା ଦେବବ୍ରତ ପାଣିଗ୍ରାହୀ ଉନ୍ମୋଚନ କଲେ କୋଶମ୍ୱିନୀ ପ୍ରଚ୍ଛଦ ପତ୍ର ୨୦୨୨




ବାଲେଶ୍ୱର (ପିଏନ୍)-ବସନ୍ତ ପଞ୍ଚମୀ ପବିତ୍ର ସରସ୍ୱତୀ ପୂଜା ଅବସରରେ ଅପରାହ୍ନରେ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦ ତଥା କୋଶମ୍ୱ ମେଳାର ମୁଖପାତ୍ର କୋଶମ୍ୱିନି ଦଧିବାମନ ନଗରର କୋଶମ୍ୱ ମେଳା ପଡ଼ିଆର ସରସ୍ୱତୀ ପୂଜା ମଣ୍ଡପ ସମ୍ମୁଖରେ ଆନୁଷ୍ଠାନିକ ଭାବେ ପ୍ରଚ୍ଛଦ ପତ୍ର ଉନ୍ମୋଚିତ ହୋଇଯାଇଛି। ପ୍ରତିକାତ୍ମକ କୋଶମ୍ୱ ରାଜା ଦେବବ୍ରତ ପାଣୀଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟ ପାତ୍ର କୋଶମ୍ୱିନୀ ପ୍ରଚ୍ଛଦ ପୃଷ୍ଠା ଉନ୍ମୋଚନ କରିଥିବା ବେଳେ ପରିଷଦର ସଭାପତି ଭଗବାନ ଦାସ ଖଣ୍ଡେଲୱାଲ ପୌରହିତ୍ୟ କରିଥିଲେ। ମୁଖପତ୍ରର ମୁଖ୍ୟ ସଂପାଦକ ଡଃ କରୁଣାକର ରାଉଳ ମୁଖପତ୍ରର ଆଭିମନ୍ୟୁ ଓ କଲେବର ବିଷୟରେ ଆଲୋକପାତ କରିଥିବା ବେଳେ ପରିଷଦର ସଂପାଦକ ଶିଳ୍ପୀ କେଶୁଦାସୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କୋଶମ୍ୱିନୀ ସମ୍ପାଦନା ମଣ୍ଡଳୀର ସଦସ୍ୟ ଡଃ ଜୟନ୍ତ କୁମାର ପଣ୍ଡା, ପ୍ରାଧାପକ ଲିଙ୍ଗରାଜ ନାୟକ, ଡଃ ସଞ୍ଜିବ ନାୟକ, ପ୍ରଭାତ ଆଚାର୍ଯ୍ୟ, ପଞ୍ଚାନନ ବେହେରା, ରାମଚନ୍ଦ୍ର ମାଝି, ବିଧାନ ରାୟ, ବିଲ୍ଲିପ ଭୋଇ, ଗୁରୁ ଗଙ୍ଗାଧର ସେଠୀ, ବିଶ୍ୱନାଥ ସେଠୀ, ବିଶ୍ୱନାଥ ରଣା, ନୀଳିମା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ପରିଷଦର କର୍ମକର୍ତ୍ତା ମୁରଲୀଧର ଦାଶ, ଜୟକୃଷ୍ଣ ସାହୁ, ରତିକାନ୍ତ ବେହେରା, ଚନ୍ଦ୍ରଶେଖର ପରିଡ଼ା, କରୁଣାକର ମହାନ୍ତି, ଦେବେଶ ରଞ୍ଜନ ପରମାଣିକ, ଶମ୍ଭୁନାଥ ଗିରି, ଅଜୟ ମେଇକାପ, ବୈକୁଣ୍ଠନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ବିଶିଷ୍ଟ ସାମ୍ବାଦିକ ଓ କଳାକାର ଦେବବ୍ରତ ପାଣିଗ୍ରାହୀଙ୍କ ଦ୍ୱାରା ପରିବେଷଣ କରାଯାଉଥିବା ପାରମ୍ପରିକ ରାଜକୀୟ ବେଶ ସହ ଗୁରୁ ଗମ୍ଭିର ରାଜକୀୟ ସଂଳାପ ମୁଖ୍ୟ ଆକର୍ଷଣ ଥିଲା। ପ୍ରକାଶ ଥାଉକି ୩୦ ଜୁନ ୨୦୧୨୨ ଶ୍ରୀ ଜଗନ୍ନାଥଙ୍କ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ଦିନ ଏକ ଭବ୍ୟ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତଥି କରକମଳରେ ଅଫ୍‌ଲାଇନ ଓ ଅନ୍‌ଲାଇନ ଉନ୍ମୋଚନ ହେବ ବୋଲି ସଂପାଦନା ମଣ୍ଡଳୀ ଘୋଷଣା କରିଛନ୍ତି।

## ଟ୍ରେଲରକୁ ପିଟିଲା ବସ୍, ଅଳ୍ପକେ ବର୍ତିଲେ ୪୦ ଯାତ୍ରୀ




ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ରଥିଆ ନିକଟରେ ଶନିବାର ୧୧ଟାରେ ରାସ୍ତାକଡରେ ଛିଡା ହୋଇଥିବା ଟ୍ରେଲର ଗାଡିର ପଛପଟକୁ ଏକ ବସ ଧକ୍କା ଦେବା ଯୋଗୁଁ ୨୦ଜଣ ଯାତ୍ରୀ ଆହତ ହୋଇଛନ୍ତି । ଘଟଣା ପ୍ରକାଶ ଭୁବନେଶ୍ୱରରୁ ବାରିପଦା ରାଇରଙ୍ଗପୁରକୁ ଓଡି ୦୪- କେ-୦୦୪୫ ନଂ ଏକ ଘରୋଇ ବସ ଯାଉଥିବା ବେଳେ ରଥିଆ ନିକଟରେ ଛିଡା ହୋଇଥିବା ଏକ ଟ୍ରେଲରକୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ବସରେ ବସିଥିବା ୪୦ରୁ ଉର୍ଦ୍ଧ ଯାତ୍ରୀଙ୍କ ମଧ୍ୟରୁ ୨୦ଜଣ ଆହତ ହୋଇଛନ୍ତି । ଖବର ପାଇ ଧର୍ମଶାଳା ପୋଲିସ ଘଟଣା ସ୍ଥଳରେ ପହଁଚି ଆହତମାନଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲ ପଠାଇଥିଲା । ପ୍ରଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଛାଡି ଦିଆଯାଇଥିବା ଜଣାପଡିଛି ।

## ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି ପାଳିତ

ଧର୍ମଶାଳା (ପିଏନ୍): ଉତ୍କଳ ଗୌରବ ମଧୁସୂଦନ ଦାସ କେବଳ ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବରେଣ୍ୟ କର୍ଣ୍ଣଧାର ଥିଲେ ତାହା ନୁହେଁ, ତତ୍କାଳୀନ ଓଡ଼ିଶାରେ ଶିଳ୍ପ ଓ ଦକ୍ଷତାର ବିକାଶ ଉପରେ ଗୁରୁତ୍ୱ ଦେଇ ଏକ ପ୍ରଗତିଶୀଳ ପ୍ରଦେଶ ନିର୍ମାଣ ଲାଗି ସେ ସ୍ୱପ୍ନ ଦେଇଥିଲେ ବୋଲି ବିଶିଷ୍ଟ ସାହିତ୍ୟକାରମାନେ ମତବ୍ୟକ୍ତ କରିଛନ୍ତି। ଗୋକର୍ଣ୍ଣିକା ସାହିତ୍ୟ ସମାଜ ଜାରକା ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ରୀତା ତରାଇ, ସମ୍ମାନିତ ଅତିଥି ଭାବେ ଉପେନ୍ଦ୍ର ସାରଦା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁ, କୋଲକତା ସ୍ଥିତ ଜିଆଇଏସ୍ ଇଂଜିନିୟରିଂ କଲେଜର ସହକାରୀ ପ୍ରଫେସର ଡକ୍ଟର ଅମୃତ ରଂଜନ ଜେନା ଯୋଗଦେଇ କହିଲେ ଯେ ୧୯୭୮ ମସିହାରେ ମଧୁବାବୁ ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ କୋଲକତାରେ ଓକିଲାତି ଆରମ୍ଭ କରିଥିଲେ । ସେଥିପାଇଁ ତାଙ୍କୁ ମଧୁବାରିଷ୍ଟର ବୋଲି କୁହାଯାଉଥିଲା। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଡକ୍ଟର ପ୍ରିୟନାଥ ମହାପାତ୍ର ଯୋଗଦେଇ ମଧୁବାବୁ ଯଥାର୍ଥରେ ଓଡ଼ିଆ ଜାତିର ମନ୍ତ୍ରଦାତା ଓ ସେ ପ୍ରଥମ ଓଡ଼ିଆ ବ୍ୟବସ୍ଥାପକ, ପ୍ରଥମ ଓଡ଼ିଆ ମନ୍ତ୍ରୀ ଥିଲେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ସଂଗ୍ରାମ କେଶରୀଜେନା, ସନ୍ତୋଷ କୁମାର ତରାଇ, ବଟକୃଷ୍ଣ ପରିଡ଼ା, ବିନୋଦବିହାରୀ ସାହୁ, ନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ସଂପାଦକ ହୃଷୀକେଶ ସାମଲ ବିବରଣୀ ପାଠ କରିଥିବାବେଳେ ସହସଂପାଦକ ଦେବବ୍ରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ କଣିପାଟିଆ ଗ୍ରାମର ଅବସରପ୍ରାପ୍ତ ରେଳ ବିଭାଗ କର୍ମଚାରୀ କୋଦଣ୍ଡ ପାଲଙ୍କ ପତ୍ନୀ ଜାନକୀ ପାଲ (୬୮)ଙ୍କ ଗତକାଲି ସକାଳେ ପରଲୋକ ଘଟିଛି । ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଘରେ ଚିକିତ୍ସିତ ହେଉଥିଲେ। ସେ ଜଣେ ମିଷ୍ଟଭାସୀ, ଧର୍ମପରାୟଣା ଓ ପରୋପକାରୀ ମହିଳାଥିଲେ। ମୃତ୍ୟୁ ଖବର ଜଣାପଡିବା ପରେ ବହୁ ବ୍ୟକ୍ତି ତାଙ୍କ ବାସ ଭବନରେ ପହଁଚି ଶେଷ ଦର୍ଶନ କରିଥିଲେ । ମୃତ୍ୟୁ ସଯ୍ୟା ନିକଟରେ ତାଙ୍କର ସ୍ୱାମୀ, ୨ ପୁଅ, ପୁତ୍ରବଧୂ ଓ ଝିଅ ଜ୍ୱାଇଁ ଉପସ୍ଥିତଥିଲେ । ତାଙ୍କ ମରଶରୀରକୁ ଏକ ପଟୁଆରରେ ଗାଁ ପରିଭ୍ରମଣ କରସଯାଇଥିଲା । ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ସାନପୁଅ ସୁଶାନ୍ତ ପାଳ ମୁଖାଗ୍ନି ଦେଇଥିଲେ ।

*—ଓଳାଶୁଣୀ ଗୁମ୍ଫା ଯାତ୍ରା ଅବସରରେ—*

## ଓଳାଶୁଣୀ ପର୍ବତରେ ସାଧୁସେବା ହେବ...






ଓଡ଼ିଶାର ଧାର୍ମିକ, ଆଧାତ୍ମିକ ବିଭବରେ ଯାଜପୁର ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର। ଏହି ଜିଲ୍ଲାରେ ମା'ଦେବୀ ବିରଜା, ଶ୍ରୀବରାହ ଓ ପୁଣ୍ୟ ପାବନ ବୈତରଣୀ, ବିଶ୍ୱ ପ୍ରସିଦ୍ଧ ହୀରକ ତ୍ରିଭୁଜ ରତ୍ନଗିରି-ଉଦୟଗିରି ସହ ପ୍ରସିଦ୍ଧ ଓଳାଶୁଣୀ ପୀଠ ଅନ୍ୟତମ। ଅଷ୍ଟାଦଶ ଶତାବ୍ଦୀର ଜଣେ ଯୁବରାଜ ନିଜ ଆଭିଜାତ୍ୟର ରାଜକୀୟ ତାଟବାଟକୁ ବଝାଇ ଦେଇ ତ୍ୟାଗପୂର୍ଣ୍ଣ ଜୀବନ ସହ ସମାଜର ମଙ୍ଗଳ ପାଇଁ ନିଜକୁ ସନ୍ନ୍ୟାସ ସାଧନାରେ ଗୃହତ୍ୟାଗୀ କରିଥିଲେ। ଓଳାଶୁଣୀ ଗୁମ୍ଫାଟି ହେଉଛି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ମୌଜାରେ, ଯେଉଁ ପଲାଇରେ ଏହି ଲେଖକ ଦିନେ ଭୂମିଷ୍ଠ ହୋଇଥିଲା। ମୋ ପିତାମାତା ମୋତେ ପିଲାଦିନରୁ ଧର୍ମାଶ୍ରୀତ ଜୀବନ ଯାପନ ପାଇଁ ମାର୍ଗ ଦେଖାଇଥିଲେ। ସେମାନଙ୍କ ଧାର୍ମିକ ପ୍ରଭାବ ସାରା ଜୀବନ ମୋ ଉପରେ ବିଚ୍ଛୁରିତ ହୋଇ ରହିଛି। ମହାପୁରୁଷ ଅରକ୍ଷିତ ଦାସଙ୍କର ସାଧନାର କୃତୀ ହେଉଛି 'ମହୀମଣ୍ଡଳ ଗୀତା' ଯାହାକି ୧୯୭୦ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା। ଏହି ମହୀମଣ୍ଡଳ ଗୀତାରେ ସେ ବିଭିନ୍ନ ବିଷୟରେ ମାନବ ଜାତି ପାଇଁ ଲେଖନୀ ଚାଳନା କରିଛନ୍ତି। ପଞ୍ଚଭୂତ ମହିମା ଠାରୁ ଆତ୍ମାର ମହିମା, ମହାଶୂନ୍ୟ କଥା, ଭକତି ଯୋଗ, ସପ୍ତାଙ୍ଗ ଯୋଗ, ଦୁଃଖସୁଖ କଥା, ଦଶଅବତାର କଥା, ସହସ୍ରନାମ ମହିମା, ଜୀବ ପରମଭାବ, ବ୍ରହ୍ମର ମହିମା ବନ୍ଦନ ସହ ନିଜ ଜୀବନର ଗୃହତ୍ୟାଗ ବିଷୟ ବର୍ଣ୍ଣନା, ସହ ଓଳାଶୁଣୀ ପ୍ରବେଶକୁ ନେଇ ଏହିପରି ତେଇଶଟି ବିଷୟରେ ଆଲୋକପାତ କରିଛନ୍ତି। ନାମ ବ୍ରହ୍ମ ଓ ଯୁଗବାର୍ତ୍ତାକୁ ନେଇ ସେ ମହୀମଣ୍ଡଳ ଗୀତାରେ ଲେଖିଛନ୍ତି- 'ନାମ ବ୍ରହ୍ମ, ନାମ ବ୍ରହ୍ମ, ନାମ ବ୍ରହ୍ମ ସାର, ଯେ ଭଜନ୍ତି ନର, ପୃଥ୍ୱୀ ନାଶେ କ୍ଷୟ ନୁହନ୍ତି, ଯୁଗେ ଯୁଗେ ସେ ଅମର। ଅକ୍ଷର ଯେ ନାମ ବ୍ରହ୍ମ ନ ଭଜନ୍ତି ମୂଢ଼ ନର, ତେଣୁ ଅକ୍ଷେ ନାଶଯାନ୍ତି ଯେ ଭଜନ୍ତି ସେ ଅମର।'

ଓଳାଶୁଣୀ ଦେବୀ ପୂଜିତ ହେଉଥିବା ଓଳାଶୁଣୀ ପାହାଡ଼ରେ ଜନଗହଳି ପରିପୂର୍ଣ୍ଣ ହୋଇଥାଏ ସନ୍ଥ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ ଅବସରରେ। ସାଧୁସନ୍ଥ ମାନଙ୍କର ସଙ୍ଗମସ୍ଥଳୀରେ ତାଙ୍କ ରଚିତ ଭଜନ, ଜଣାଣ, ଖଜଣୀ ଓ କୀର୍ତ୍ତନ ସ୍ୱରରେ ଏହି ପୁଣ୍ୟ ତୀର୍ଥଭୂମି ପବିତ୍ରମୟ ହୋଇପଡ଼େ। ଭକ୍ତମାନେ ନିଜ ଘରୁ ଚାଉଳ, ଡାଲି, ପନିପରିବା ନେଇ ମହୋତ୍ସବରେ ସାମିଲ ହୋଇଥାନ୍ତି। ଚଳିତ ବର୍ଷ କରୋନା ଜନିତ କଟକଣା ଜାରି ରହିଛି ଓ କେବଳ ସନ୍ଥ ଅରକ୍ଷିତ ଦାସଙ୍କ ପୁଣ୍ୟପୀଠରେ ନୀତିକାନ୍ତି ଯାହା ଅନୁଷ୍ଠିତ ହେବ। ଭକ୍ତ ସମାବେଶ ବା ଅନ୍ୟ କାର୍ଯ୍ୟକ୍ରମ ବନ୍ଦ ହୋଇଛି। ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରପରି ଏଠାରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଏକ ହୋଇ ପ୍ରସାଦ ସେବନ କରିଥାନ୍ତି। ନିଜେ ସନ୍ଥ ଅରକ୍ଷିତ ଦାସ ସମସ୍ତଙ୍କ ଘରୁ ଖାଦ୍ୟ ସଂଗ୍ରହ କରିଛନ୍ତି ଯାହାକୁ ସେ ନିଜ ଭାଷାରେ ଲେଖିଛନ୍ତି-'ଚଣ୍ଡାଳୁ ବ୍ରହ୍ମଯାଏ ପୁଣ, ଭକ୍ଷିଲି ସର୍ବ ଘରେ ଜାଣ। ତୁମ୍ଭେ ତ ସର୍ବ ଘଟେ ବସ, ତେଣୁ ମୁଁ ଭୁଞ୍ଜଇ ବିଶ୍ୱାସ।' ପ୍ରତିମାଶୂନ୍ୟ ତାଙ୍କର ସେହି ସାଧନାପୀଠରେ ମୁଖ୍ୟ ଭୋଗ ରୂପେ ପୋଡପିଠା ପୂଜାର୍ଚ୍ଚନା କରାଯାଏ। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଅବାଧରେ ପ୍ରବେଶ କରିଥାନ୍ତି। ମହାନ ସାଧକ ଅରକ୍ଷିତ ଦାସଙ୍କ ମତରେ ଆମିଷ ଓ ନିରାମିଷ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ତେଣୁ ନିଜ ଇଛା ଅନୁସାରେ ଖାଦ୍ୟ ଗ୍ରହଣ କରିବାକୁ ସେ କହିଛନ୍ତି। ତାଙ୍କ ମତରେ ଲୋକଦେଖାଣିଆ ଆଶାପୂର୍ଣ୍ଣ ନିରାମିଷ ଭକ୍ଷଣର ଫଳ କିଛି ନଥାଏ। ତେଣୁ ସେ ତାଙ୍କର ମହୀମଣ୍ଡଳ ଗୀତାରେ ଆମିଷ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି - 'ହେ ମନ କହୁଅଛି ମୁହିଁ, ଶରୀର ଆମିଷ ଅଟଇ। ରଜବୀର୍ଯ୍ୟ ଆମିଷ ଜାଣ, ତହିଁରୁ ସକଳ ଭିଆଣ। ଛପନକୋଟି ଜୀବ ଯେତେ, ଆମିଷରୁ ଜାତ ସମସ୍ତେ।' ସନ୍ଥ ଅରକ୍ଷିତଙ୍କ ମାନବବାଦୀ ଚିନ୍ତାଧାରା, ଧର୍ମ ଓ ଦର୍ଶନ, ମହତବାଣୀ ଆଗାମୀ ପୀଢ଼ିକୁ ମଧ୍ୟ ଆଲୋକ ଅନ୍ୱେଷଣ ପାଇଁ ଦିଗ୍‌ଦର୍ଶନ ଦେବାରେ ଯଥେଷ୍ଟ ସକ୍ଷମ ହୋଇପାରିବ। ତାଙ୍କ ରଚିତ ମହୀମଣ୍ଡଳ ଗୀତା, ମନଚଇତନ ଚଉତିଶା, ଭକ୍ତିଟୀକା, ବାଲ୍ୟବୋଧ ଗୀତା, ଶୂନ୍ୟଟୀକା, ଅବଧୂତ ସଂହିତା ଓ ଶତାବ୍ଦି ସଂହିତା ଭାରତୀୟ ଦର୍ଶନ କ୍ଷେତ୍ରକୁ ଉଜ୍ଜିବୀତ କରି ରଖିପାରିବ। ମହାପୁରୁଷ ଅରକ୍ଷିତ ଦାସ ୧୮୩୭ ମସିହା ମାଘ ମାସ କୃଷ୍ଣ ଏକାଦଶୀ ତିଥିରେ ଏହି ଓଳାଶୁଣୀରେ ହିଁ ଦେହ ତ୍ୟାଗ କରିଥିଲେ। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ରଚନାରେ ଅରକ୍ଷିତ ଦାସଙ୍କ ସମ୍ବନ୍ଧରେ କାଳଜୟୀ ଲେଖାଟି ହେଉଛି- 'ଓଳାଶୁଣୀ ପର୍ବତରେ ସାଧୁସେବା ହେବ। ଏକାକ୍ଷର ପରୀକ୍ଷାରେ ଅର୍କ୍ଷିତ କରିବ। କେତେ କେତେ ଭକ୍ତ ଆସି ସେଠାରେ ମିଳିବେ, ଅରକ୍ଷିତ ଠାରୁ କେହି ଉବୁରି ନଯିବେ।' ସନ୍ଥ ଅରକ୍ଷିତ ଦାସଙ୍କ ଦର୍ଶନ ହେଉଛି 'ନାମ ପ୍ରଧାନ' ଦର୍ଶନ। ତାଙ୍କ ଲେଖନୀରେ ପଞ୍ଚଶଖା ଧର୍ମର ଶୂନ୍ୟବାଦର ବହୁ ବର୍ଣ୍ଣନା ପରିଦୃଷ୍ଟ ହୋଇଛି। ତାଙ୍କ ମହୀମଣ୍ଡଳ ଗୀତା ଆମ ସାମ୍ପ୍ରତିକ ଜୀବନ ପାଇଁ ଜୀବନ ଚେତନାର ଏକ କାଳଜୟୀ କୃତୀ। ଓଡ଼ିଆ ଜନଜୀବନରେ ମହୀମଣ୍ଡଳ ଗୀତାକୁ ଭାଗବତ ପରି ଆଧାତ୍ମିକ ଭାବପୂର୍ଣ୍ଣ ମହାକାବ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ।

**ଅଲେଖ ଚନ୍ଦ୍ର ସାମଲ**
*ଓଏଫ୍‌ଏସ୍-୧ (ଏସ୍.ବି.), ପୂର୍ବତନ ଡି.ଏଫ୍.ଓ. (କେନ୍ଦୁଲିଫ୍) ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୪୩୭୨୫୭୧୨୩*

## ଧର୍ମଶାଳାରେ ଶିଶୁ କନ୍ୟା ବିକ୍ରି ଘଟଣାରେ ଜଣେ ଅଙ୍ଗନୱାଡି କର୍ମୀଙ୍କ ସମେତ ୫ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା କୋତପୁର ପଂଚାୟତ ସାନରାଏପଡା ଗ୍ରାମରେ ଶିଶୁ କନ୍ୟା ବିକ୍ରୀ ଘଟଣାରେ ପୋଲିସ ଜଣେ ଅଙ୍ଗନୱାଡୀ କର୍ମୀଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଶିଶୁ କନ୍ୟାକୁ ଗ୍ରହଣ କରିଥିବା ପାରାଦୀପ ରଙ୍ଗିଆଗଡ ଅଂଚଳର ଦମ୍ପତି ସସ୍ମିତା ବାରିକ ଓ କୈଳାସ ବାରିକ, ସେହିପରି ଶିଶୁ ବିକ୍ରିରେ ମଧ୍ୟସ୍ଥିତା କରିଥିବା ବାଲିଚନ୍ଦ୍ରପୁର ଥାନା ଭରତପୁର ଗ୍ରାମର ଅଙ୍ଗନୱାଡି କର୍ମୀ ପ୍ରଭାସିନୀ ଦାସ ଓ ତାଙ୍କ ଭାଇ ସାନରଏପଡା ଗ୍ରାମର ଦୀପକ ଦାସ ଏବଂ ଶିଶୁ କନ୍ୟାର ବାପା ନଟବର ବେହେରା । ସୂଚନା ମୁତାବକ ସାନରାଏପଡା ଗ୍ରାମର ନଟବର ବେହେରାଙ୍କ ପତ୍ନୀ କାଂଚନ ବେହେରାଙ୍କ ଗତ ୨୭ ତାରିଖରେ ଧର୍ମଶାଳା ଡାକ୍ତରଖାନରେ ଏକ ଶିଶୁ କନ୍ୟା ଜନ୍ମ ହୋଇଥିଲା । ତେବେ ଦାରିଦ୍ର୍ୟର କଷାଘାତରେ ଚଳୁଥିବା ଏହି ପରିବାର ଗତ ୨୮ ତାରିଖରେ କେନ୍ଦ୍ରାପଡା ଜିଲ୍ଲା ମାହାକାଳପଡାରେ ଶ୍ୱଶୁର ଘରେ ରହୁଥିବା ପାରାଦୀପ ଅଂଚଳର ଏକ ଦମ୍ପତିଙ୍କୁ ୧୨ ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ । ତେବେ ଏହି ଘଟଣା ପ୍ରଘଟ ହେବା ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସେଠାରେ ପହଁଚି ଘଟଣା ସମ୍ପର୍କରେ ଅବଗତ ହେବା ସହ ଏହି ଥାନା କୋତପୁର ଫାଣ୍ଡିରେ ଅଭିଯୋଗ କରିଥିଲେ । ଘଟଣା ପ୍ରଘଟ ହେବା ପରେ ଶିଶୁକୁ ଗ୍ରହଣ କରିଥିବା ଦମ୍ପତି ଅତି ଚତୁରତାର ସହ ଶିଶୁକୁ ଆଣି ତା ମାଆକୁ ଦେଇ ଫେରାର ହୋଇଯାଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଅଭିଯୋଗ କ୍ରମେ ପୋଲିସ ୫୦/୨୨ରେ ଏକ ମାମଲାରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସନ୍ଧ୍ୟାରେ ଶିଶୁକନ୍ୟାକୁ ଉଦ୍ଧାର କରିଥିଲା । ପରେ କେନ୍ଦ୍ରାପଡା ଜିଲ୍ଲା ମାହାକାଳପଡାରେ ପୋଲିସ ଚଢାଉ କରି ଶିଶୁକୁ ଗ୍ରହଣ କରିଥିବା ଦମ୍ପତିଙ୍କୁ ଗିରଫ କରିବା ସହ ମଧ୍ୟସ୍ଥତା କରିଥିବା ଅଙ୍ଗନୱାଡୀ କର୍ମୀ, ତାଙ୍କ ଭାଇ ଓ ଶିଶୁ କନ୍ୟାର ବାପାକୁ ଗିରଫ କରିଥିଲା । ଉଦ୍ଧାର ହୋଇଥିବା ଶିଶୁ କନ୍ୟାକୁ ପୋଲିସ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରିବା ପରେ ଶିଶୁଟିକୁ ବାଳାଶ୍ରମସ୍ଥିତ ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଥିବା ଜଣାଯାଇଛି । ଶିଶୁକନ୍ୟାର ବାପାକୁ ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ଛଡା ଯାଇଥିବା ବେଳେ ଅନ୍ୟ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା କୋତପୁର ଫାଣ୍ଡି ଅଧିକାରୀ ନିରଂଜନ ବେହୁରା ସୂଚନା ଦେଇଛନ୍ତି ।




# ବଙ୍ଗିଦା ଗ୍ରାମପଂଚାୟତର ସରପଂଚ ପ୍ରାର୍ଥୀ ମଧୁସୂଦନ ରାଉତରାୟଙ୍କ ନିର୍ବାଚନ ପ୍ରଚାର



ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ପଂଚାୟତ ସମିତି ଅଧିନସ୍ଥ ବଙ୍ଗିଦା ଗ୍ରାମପଂଚାୟତର ସରପଂଚ ପ୍ରାର୍ଥୀ ମଧୁସୂଦନ ରାଉତରାୟ ରାଜ୍ୟ ସରକାରଙ୍କର କୋଭିଡ଼ ନିୟମାବଳୀକୁ ଅନୁପାଳନ କରି ନିଜର ସମର୍ଥକମାନଙ୍କ ସହିତ ଘରକୁ ଘର ବୁଲି ନିର୍ବାଚନ ପ୍ରଚାର ଜାରିରଖିଛନ୍ତି। ୨୦୨୨ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବଙ୍ଗିଦା ଗ୍ରାମପଂଚାୟତର ସରପଂଚ ପଦବୀ ନିମନ୍ତେ ୯ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ମଧୁସୂଦନ ରାଉତରାୟ ନିର୍ବାଚନ ପ୍ରଚାରରେ ସର୍ବାଗ୍ରେ ଆଗରେ ରହିଛନ୍ତି ଏବଂ ତାଙ୍କ ପ୍ରତି ବିପୁଳ ଜନ ସମର୍ଥନ ଥିବା ଦେଖିବାକୁ ମିଳୁଛି। ଶ୍ରୀ ରାଉତରାୟ ଦୀର୍ଘ ଦିନ ଧରି ସମାଜ ସେବା ସହିତ ଜଡ଼ିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଗୁଡ଼ିକ ସମାଧାନ କରିବା ଦିଗରେ ନିଜର ଉଦ୍ୟମ ଜାରି ରଖିଛନ୍ତି। ସେ ସରପଂଚ ଭାବରେ ନିର୍ବାଚିତ ହେଲେ ବଙ୍ଗିଦା ପଂଚାୟତ ବାସୀଙ୍କ ମୌଳିକ ସମସ୍ୟା ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ପାନୀୟ ଜଳ, ଆଲୋକି କରଣ ଓ ଗରିବ ଲୋକମାନେ ଯେପରି ଆବାସ ଯୋଜନାରେ ସାମିଲ ହୋଇ ପାରିବେ ସେ ଗୁଡ଼ିକ ପ୍ରତି ଦୃଷ୍ଟି ଦେବେ ବୋଲି କହିଥିଲେ।

## ମା'ବାସୁଳେଇ ପୀଠରେ ନାମ ଯଜ୍ଞ

ଯାଜପୁର: ଦଶରଥପୁର ବ୍ଲକ ଅନ୍ତର୍ଗତ ଅକରପଡ଼ା ଗ୍ରାମପଞ୍ଚାୟତ ଅଧିନସ୍ଥ ଜଳସରପୁର ଗ୍ରାମ ମା'ବାସୁଳେଇ ପୀଠରେ ବିଦ୍ୟାଦାୟୀ ସରସ୍ୱତୀ ପୂଜା ଅବସରରେ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି। ମା'ବାସୁଳେଇ ଓ ମା'ସରସ୍ୱତୀଙ୍କ ପୂଜାର୍ଚ୍ଚନା ହୋମଯଜ୍ଞ, ନାମସଂକୀର୍ତ୍ତନ, ପ୍ରସାଦ ସେବନ କାର୍ଯ୍ୟ ଶୃଙ୍ଖଳାସର ସମ୍ପର୍ଣ୍ଣ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଧର ଯେନ. ଗ୍ରାମରକ୍ଷୀ ଶରତ ଯେନା, ମାନଗୋବିନ୍ଦ ଯେନା, କାର୍ତ୍ତିକ ଚନ୍ଦ୍ର ଯେନା, ସୁରଥ ଯେନା, କାମଦେବ ଜେନା ପ୍ରମୁଖ ପରିଚ୍ଚଳନା କରିଥିବା ବେଳେ ଗ୍ରାମାବସୀ ସହଯୋଗ କରିଥିଲେ।

## ୭ନଂ ଜିଲ୍ଲା ପରିଷଦ ଜୋନ, ବିଜେଡି ଓ ସ୍ୱାଧୀନ ପ୍ରାର୍ଥୀନିଙ୍କ ମଧ୍ୟରେ କଡା ମୁକାବିଲା

ଖଣ୍ଡପଡା,(ପି.ଏନ): ଖଣ୍ଡପଡା ବ୍ଲକ ଅଧିନ ୭ନଂ ଜିଲ୍ଲା ପରିଷଦ ଜୋନରୁ ୫ ଜଣ ପ୍ରାର୍ଥୀନି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିଲେ ହେଁ ବିଜେଡି ପ୍ରାର୍ଥୀନି ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବେହେରା ଓ ସ୍ୱାଧୀନ ପ୍ରାର୍ଥୀନି ସବିତା ସାହୁଙ୍କ ମଧ୍ୟରେ ସିଧାସଳଖ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହେଉଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଗତ ୨୦୧୭ ମସିହାରେ ଅନୁଷ୍ଠିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଉକ୍ତ ଜୋନରୁ ବିଜେଡି ଟିକେଟରେ ବିଷ୍ଣୁପ୍ରିୟା ବିଜୟୀ ହୋଇଥିବା ବେଳେ ଏବେ ଶାସକ ଦଳ ପୁଣି ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ ପ୍ରଦାନ କରିଛି। ତେବେ ସ୍ୱାଧୀନ ପ୍ରାର୍ଥୀନି ସବିତା ସାହୁ ଚଳିତ ନିର୍ବାଚନରେ ବିଜେଡି ଟିକେଟ ପାଇଁ ଆଶାୟୀ ଥିଲେ ହେଁ ଶେଷ ମୁହୂର୍ତ୍ତରେ ଶାସକ ଦଳ ତାଙ୍କୁ ଅଣଦେଖା କରି ଦଳୀୟ ଟିକେଟ ପ୍ରଦାନ ନକରିବାରୁ ସେ ବିଜେଡିର ବିଦ୍ରୋହୀ ପ୍ରାର୍ଥୀନି ଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଉଭୟେ ପ୍ରାର୍ଥୀନି ଗାଁକୁ ଗାଁ ବୁଲି ଭୋଟରଙ୍କୁ ଭେଟି ଭୋଟ ଦେବା ପାଇଁ ନିବେଦନ କରୁଛନ୍ତି। ସେହିପରି ବିଜେପି ପକ୍ଷରୁ ଗତ ୨୦୦୭ ନିର୍ବାଚନରେ ଉକ୍ତ ଜୋନରୁ ପ୍ରତିଦ୍ୱନ୍ଦିତା କରିଥିବା ଜୟଶ୍ରୀ ବେହେରାଙ୍କ ଉପରେ ଦଳ ପୁନର୍ବାର ଆସ୍ଥା ପ୍ରକଟ କରି ଟିକେଟ ପ୍ରଦାନ କରିଥିବାରୁ ସେ ବିଜେପି ପ୍ରାର୍ଥୀନି ଭାବେ ନିର୍ବାଚନ ଲଢୁଛନ୍ତି। ବିଜେପି ପକ୍ଷରୁ ନାରୀ ନେତ୍ରୀ ଇଂ ଅର୍ଚ୍ଚନା ଦାଶ, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂଙ୍କ ସମେତ ଦଳର ମଙ୍ଗୁଆଳମାନେ ବିଜେପି ପ୍ରାର୍ଥୀନିଙ୍କ ପାଇଁ ପ୍ରଚାର କରୁଛନ୍ତି। କଂଗ୍ରେସ ପ୍ରାର୍ଥୀନି ରଶ୍ମିତା ପ୍ରଧାନ ଓ ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀନି ସୁଚିତ୍ରା ସାହୁ ମଧ ୭ନଂ ଜୋନରୁ ପ୍ରାର୍ଥୀ ହୋଇଛନ୍ତି। ସମସ୍ତ ଆଶାୟୀ ପ୍ରାର୍ଥୀନି ମାନେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ଖଣ୍ଡପଡା ବ୍ଲକ ଅଧିନ ବନମାଳୀପୁର, ରାଣୀଛେଲ୍ଲି, ଗୁଣ୍ଠୁଣି, ଜଗନ୍ନାଥପ୍ରସାଦ, ରାଣୀପଡା, ଶାଳଝରିଆ, ଶିଖରପୁର, ଯୋଗିଆପଲ୍ଲୀ ପ୍ରଭୃତି ୮ଗୋଟି ପଂଚାୟତକୁ ନେଇ ୭ନଂ ଜିଲ୍ଲା ପରିଷଦ ଜୋନରେ ସର୍ବମୋଟ ମତ ଦାତାଙ୍କ ସଂଖ୍ୟା ୩୦୨୦୩ ବୋଲି ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ଉକ୍ତ ଜୋନରୁ କ୍ରମାଗତ ଭାବେ ଶାସକ ଦଳ ପ୍ରାର୍ଥୀ/ ପ୍ରାର୍ଥୀନି ବିଜୟ ଲାଭ କରୁଥିବା ବେଳେ ଚଳିତ ନିର୍ବାଚନରେ ଶାସକ ଦଳ ପ୍ରାର୍ଥୀନି ବିଷ୍ଣୁପ୍ରିୟା କଡା ମୁକାବିଲାର ସମ୍ମୁଖିନ ହେଉଥିବା ଜଣାପଡିଛି। ବିଜେପି ପ୍ରାର୍ଥୀନି ଜୟଶ୍ରୀ ଚଳିତ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ୨୦ ଜଣିଆ ତାରକା : ପ୍ରଚାରକ ତାଲିକା ଘୋଷଣା କଲା କଂଗ୍ରେସ

ଭୁବନେଶ୍ୱର : (ପି.ଏନ)- ପିସିସିର ପରାମର୍ଶ କ୍ରମେ ଆସନ୍ତା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ପିସିସି ପକ୍ଷରୁ ଏକ ୨୦ଜଣିଆ ତାରକା ପ୍ରଚାରକ ତାଲିକା ଘୋଷଣା କରାଯାଇଛି। ସେଥିରେ ଓଡ଼ିଶା ପ୍ରଭାରୀ ତଥା ସାଂସଦ ଡ. ଏ ଚେଲା କୁମାରଙ୍କ ସହିତ ପିସିସି ସଭାପତି ଶ୍ରୀ ନିରନ ପଟ୍ଟନାୟକ, ଏଆଇସିସି ସଂପାଦକ ରୁଦ୍ର ରାଜୁ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଚିରିବ ବିଶ୍ୱାଳ, ଶରତ ପଟ୍ଟନାୟକ, ଜୟଦେବ ଜେନା, ପଂଚାନନ କାନୁନଗୋ, ସପ୍ତଗିରୀ ଉଲ୍ଲାକା, ସୁରେଶ କୁମାର ରାଉତରାୟ, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ଇଂ. ମହମ୍ମଦ ମୋକିମ, କିଶୋର ଚନ୍ଦ୍ର ପଟେଲ, ବିଜୟଲକ୍ଷ୍ମୀ ସାହୁ, ସତ୍ୟପ୍ରକାଶ ନାୟକ, ସୁରେଶ ମହାପାତ୍ର ପ୍ରମୁଖ ରହିଥିବା ବେଳେ ଛତିଶଗଡ଼ ପ୍ରଦେଶ କଂଗ୍ରେସ ସଭାପତି ମୋହନ ମରକମଙ୍କ ସମେତ ଛତିଶଗଡ଼ର କ୍ୟାବିନେଟ ମନ୍ତ୍ରୀ ଅମରଜିତ ଭଗତ ଓ କାଙ୍ଗ୍ରେସି ଲକ୍ଷ୍ମା ମଧ ରହିଛନ୍ତି।

## ଏକଦିବସୀୟ ଭଲିବଲ ଟୁର୍ଣ୍ଣାମେଂଟ, ମୁଗୁପାଳ ଚମ୍ପିଆନ୍



ଧର୍ମଶାଳା, (ପିଏନ୍): ଧର୍ମଶାଳା ବାଣୀପୀଠ ଖେଳ ପଡିଆରେ ଭଲିବଲ ଆସୋସିଏସନ ଆନୁକୂଲ୍ୟରେ ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚରେ ପ୍ରଗତି କ୍ଲବ ମୁଗୁପାଳକୁ ୨-୧ ସେଟରେ ପାୱାର କ୍ଲବ ଜନକକୁ ପରାସ୍ତ କରି ଚମ୍ପିଅନ ହୋଇଛି। ଏହି ଟୁର୍ଣ୍ଣାମେଂଟରେ ଆୟୋଜକ ଧର୍ମଶାଳା ଟିମ ସମେତ ମୁଗୁପାଳ, ଜନକ, ଦର୍ପଣ ଟିମ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଂଟକୁ ଅମରେନ୍ଦ୍ର ସାହୁ ଓ ସୁଭାଶିଷ ଦଣ୍ଡପାଟ ପରିଚାଳନା କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ଯୁବ ସଂଗଠକ ସୁଦୀପ୍ତ ସ୍ୱାଇଁ ଓ କ୍ଷୀରୋଦ ମୁଦୁଲି, କ୍ରିଡାବିତ ଆଲୋକ କୁମାର କର ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ପ୍ରବୋଧ କୁମାର ପାତ୍ର, ଚକ୍ରଧର ଲେଙ୍କା, ଅଶୋକ ନନ୍ଦ, ହିତେଶ ଜେନା, ଟୁନା ଖାଁ, କୈବଲ୍ୟ ନାୟକ, ତନୱିର ତାଜ, ସେକ ୟୁନିସ ଓ ଦେବେନ୍ଦ୍ର ଜେନା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ଅଷ୍ଟମ ଆନ୍ତଃ ରାଜ୍ୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟ,ସୋରଣ ଚମ୍ପିୟାନ

ଖୋର୍ଦ୍ଧା, (ପିଏନ):ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରଣା ଗ୍ରାମର ମା ଡମଣୀ ଭଲିବଲ ଆସୋସିଏସନ ଦ୍ୱାରା ଆୟୋଜିତ ଅଷ୍ଟମ ଆନ୍ତଃ ରାଜ୍ୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟ ମା ଡମଣୀ କୃପା ସୁରେନ୍ଦ୍ର ନାଥ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଂଟ ୬ ଗୋଟି ଦଳ ଯଥା ଇଟାମାଟି,ଫୁଙ୍ଗଂଚା,ନିମାପଡା,ଜଟଣୀ,ଛତ୍ରପଡା ଓ ସୋରଣ କ୍ଲବ ଅଂଶ ଗ୍ରହଣ କରିଥିଲେ। ଏହି ଖେଳର ଉଦଘାଟନୀ ମ୍ୟାଚରେ ମାନବ ଅଧିକାର ସୁରକ୍ଷା ସଙ୍ଗଠନର ଜିଲ୍ଲା ସଭାପତି ସୁକାନ୍ତ କୁମାର ପରିଡା ମୁଖ୍ୟ ଅତିଥି,ଅବସରପ୍ରାପ୍ତ ଜିଲ୍ଲା ହୋମିଓପାଥିକ ଚିକିତ୍ସାଧିକାରୀ ଅମରେନ୍ଦ୍ର କୁମାର ମହାପାତ୍ର ମୁଖ୍ୟବକ୍ତା,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଭଗବାନ ପଣ୍ଡା,ପୂର୍ବତନ ସରପଂଚ ପୁରୁଷୋତମ ମହାପାତ୍ର,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦିପ୍ତୀ ରଞ୍ଜନ ସାହୁ ଓ ଅବସରପ୍ରାପ୍ତ ଶିକ୍ଷକ ପ୍ରାଣନାଥ ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ପୋଲିସ ଚଢାଉ : ବିଦେଶୀ ମଦ ସହ କାର ଜବତ, ୩ଗିରଫ

ଖଣ୍ଡପଡା,(ପି.ଏନ): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଖଣ୍ଡପଡା ପୋଲିସ ପକ୍ଷରୁ ବିଭିନ୍ନ ପଂଚାୟତରେ ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିବା ସହ ପାଟ୍ରୋଲିଙ୍ଗ ବ୍ୟବସ୍ଥାକୁ କଡାକଡି କରାଯାଇଛି। ପୋଲିସ ଟିମ ପାଟ୍ରୋଲିଂ କରୁଥିବା ସମୟରେ କୋସକା ଅଭିମୁଖେ ଦୃତଗତିରେ ଯାତ୍ରା କରୁଥିବା ଏକ ଧଳା ରଙ୍ଗର ସୁଜୁକି କାରକୁ ଖଳିସାହି- ସିଂଘାପଡା ରାସ୍ତାର ଖୁଂଟୁବନ୍ଧ ଛକରେ ଅଟକାଇ ତନଖି କରିବାରେ ଗାଡି ପଛପାଖ ଡିକିରେ ବିପୁଳ ପରିମାଣର ବିଦେଶୀ ମଦ ବୋଝେଇ ହୋଇଥିବା ନଜରକୁ ଆସିଥିଲା। ଆଖପାଖ ଅଂଚଳକୁ ଚୋରାରେ ମଦ ଚାଲାଣ ହେଉଥିବା ନେଇ ପୋଲିସ ଅବଗତ ହେବା ପରେ ଉକ୍ତ ଗାଡିକୁ ଜବତ କରିଥିଲା। ଗାଡି ଚାଳକ ଦୀପକ ପରିଡା(୨୪), ମନୋରଂଜନ ଜେନା(୨୮) ଓ ନାରାୟଣ ଜେନା(୨୦)କୁ ଗିରଫ କରି ପୋଲିସ ସୋମବାର ଅଦାଲତ ଚାଲାଣ କରିଥିବା ଜଣାପଡିଛି। ଖଣ୍ଡପଡା ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ଠାରୁ ପ୍ରକାଶ। ଉକ୍ତ ୩ଜଣ ଯୁବକଙ୍କ ଘର ଖଣ୍ଡପଡା ଥାନା ଅଧିନ କିଆଝର ପଂଚାୟତର ଗିରିଡିପଲ୍ଲୀ ଗ୍ରାମରେ ବୋଲି ଜଣାପଡିଛି।

## କେନ୍ଦୁଝର ଜିଲ୍ଲାର ୨୫ ନମ୍ବର ଜୋନ :ଏକତରଫା ବିଜୟ ପାଇଁ ବିଜେଡିର ରଣନୀତି




କେନ୍ଦୁଝର (ପି.ଏନ): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ରାଜନୀତି ସରଗରମ ହୋଇଉଠିଛି। କେନ୍ଦୁଝର ଜିଲ୍ଲାର ସଦର ଓ ତେଲକୋଇ ବିଧାନସଭା ନିର୍ବାଚନମଣ୍ଡଳୀର ୨୫ ନମ୍ବର ଜୋନ ଅସଂରକ୍ଷିତ ରହିଛି। ସଦର ନିର୍ବାଚନମଣ୍ଡଳୀ ଅଧିନରେ ୪ଟି ପଞ୍ଚାୟତ ଏବଂ ତେଲକୋଇ ନିର୍ବାଚନମଣ୍ଡଳୀ ଅଧିନରେ ୭ଟି ପଞ୍ଚାୟତ ରହିଛି। ଏହି ଜୋନର ୭୫ ପ୍ରତିଶତରୁ ଅଧିକ ଭୋଟର ଅନୁସୂଚିତ ଜାତି ବର୍ଗର ଅଟନ୍ତି। ଚଳିତ ଥର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ଜୋନ ଚର୍ଚ୍ଚାରେ ରହିଛି। ଏହି ଜୋନ ବିଜେଡିର ଦୂର୍ଗଭାବେ ପରିଚିତ। ଏହି ଆସନ ଏବେ ଦୁଇ ଭାଇଙ୍କ ମଧ୍ୟରେ ଲଢେଇ ଚର୍ଚ୍ଚାର କେନ୍ଦ୍ରବନ୍ଦୁ ହୋଇଛି। ୨୫ନମ୍ବରରେ ବିଜୁ ଜନତା ଦଳରୁ ଅରୁଣ କୁମାର ବାରିକ ପ୍ରାର୍ଥୀ ହୋଇଥିବାବେଳେ ତାଙ୍କ ବିରୋଧରେ ବିଜେପିରୁ ତାଙ୍କ କକାପୁଅ ଭାଇ ରଞ୍ଜିତ ବାରିକ ପ୍ରାର୍ଥୀ ହୋଇଛନ୍ତି। ବିଜେପି ପ୍ରାର୍ଥୀଙ୍କ ପାଇଁ ସଦର ବିଧାୟକ ମୋହନ ମାଝୀ ପ୍ରଚାର କରୁଥିବାବେଳେ ବିଜେଡି ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭରଷା,ଅରୁଣଙ୍କ ଉପରେ ରହିଛି ବୋଲି ଅରୁଣଙ୍କ ସମର୍ଥକମାନେ ପ୍ରକାଶ କରିଛନ୍ତି। ବିଜେଡି ହେଭିୱେଟ ନେତା ତଥା ଯୁବ ବିଜେଡି ରାଜ୍ୟ ଉପସଭାପତି ସୌମ୍ୟଶଙ୍କର ଚକ୍ର (ରାଜା) ଏହି ଜୋନର ପ୍ରଚାର ମଙ୍ଗ ଧରିଛନ୍ତି। ବାଂଶପାଳ ବ୍ଲକରେ ବିଜେଡି ସଂଗଠନ ବେଶ ମଜଭୂତ ରହିଥିବାବେଳେ ଚଳିତ ପଞ୍ଚାୟତ ନିର୍ବାଚନରେ ଦଳ ଗତ ଥରଠୁ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଏହି ଜୋନରେ ବିଜେଡି ଏକତରଫା ବିଜୟ ଲକ୍ଷ୍ୟରେ ରଣନୀତି କରୁଛି। ଆଞ୍ଚଳିକ ସମସ୍ୟା ସମାଧାନ ପ୍ରତିଶୃତି ପୂର୍ବକ ଭୋଟରଙ୍କ ନିକଟକୁ ପ୍ରାର୍ଥୀ ଯାଉଛନ୍ତି। କଂଗ୍ରେସ ଏହି ଜୋନରେ ନିଜର ଅସ୍ଥିତ୍ୱ ଖୋଜୁଛି। ଏଠାରୁ ଦଳ ପଦ୍ମଶ୍ରୀ ଦୈତାରୀ ନାଏକଙ୍କ ବୋହୂ ରଙ୍ଗଲତା ନାଏକଙ୍କୁ ପ୍ରାର୍ଥୀ କରିଛି। ଗତ ୨୦୧୭ ନିର୍ବାଚନରେ ଏହି ଆସନ ବିଜେଡି ଅକ୍ତିଆରରେ ଥିଲା। ବିଜେଡିର ସୁକାନ୍ତି ଖମାରୀ ବିଜେପିର ରୀନା ଗଡମାଝୀଙ୍କ ଠାରୁ ୪୬୦୦ରୁ ଅଧିକ ଭୋଟ ପାଇ ଜୟଯୁକ୍ତ ହୋଇଥିଲେ। ଚଳିତ ଥର ଏହି ଜୋନକୁ ବିଜେଡି ନିଜ ଅକ୍ତିଆରରେ ରଖିବା ପାଇଁ କସରତ ଆରମ୍ଭ କରିଛି। ବିଶେଷ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛଶାସନ,ଆଦର୍ଶ ଏବଂ ଜନକଲ୍ୟାକାରୀ କାର୍ଯ୍ୟକ୍ରମ କୁ ଆଧାର କରି ଭୋଟରକୁ ହାତେଇବାକୁ ସଫଳ ହେବ ବୋଲି ବିଜେଡି ପ୍ରାର୍ଥୀ ଅରୁଣ ବାରିକ କହିଛନ୍ତି। ଏହି ଜୋନରେ ମୋଟ ୩୧ହଜାର ୦୬୧ଟି ଭୋଟର ରହିଥିବାବେଳେ ସେଥିମଧ୍ୟରୁ ୧୪୯୬୧ ପୁରୁଷ ଏବଂ ୧୬୧୦୦ ମହିଳା ଭୋଟର ଅଛନ୍ତି। ୧୨୮ଟି ୱାର୍ଡ ଏବଂ ୧୧ଟି ପଞ୍ଚାୟତ ଯଥା ଟଣ, କରଙ୍ଗାଡିହି, ସାହାରପୁର, ଶୁଆକାଟୀ, ତଳକଇଁସାରୀ, ତଳଚମ୍ପେଇ, କୋଡିପଶା, ବାରାହାଗଡ, ଗୋନାସିକା, ବାୟାକୁମୁଟିଆ, କୁଅଁର ନେଇ ଗଠିତ। ଏଠାରେ ଫେବୃଆରି ୧୬ ତାରିଖରେ ଭୋଟ ହେବାକୁ ଯାଉଥିବାବେଳେ ପ୍ରାର୍ଥୀମାନେ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ଭାଇ ଭାଇ ଲଢେଇରେ କିଏ ବାଜି ମାରିବ ତାହା ଦେଖିବାକୁ ବାକି ରହିଲା।

## ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ପୋଲିସ କମିସନରଙ୍କୁ ଭେଟିଲେ



ଭୁବନେଶ୍ୱର,(ପି.ଏନ): ଆଜି ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ, ପିସିସି ସାଧାରଣ ସଂପାଦକ ଶ୍ରୀ ରଜତ ଚୌଧୁରୀ ଏବଂ ପିସିସିର ପୂର୍ବତନ ରାଜନୈତିକ ସଚିବ ଶ୍ରୀ ପ୍ରକାଶ ମିଶ୍ର କ୍ୟାପିଟାଲ ଥାନା ଅଧିକାରୀଙ୍କ ଅପାରଗତା, ପକ୍ଷପାତିତା ଏବଂ ଦୁର୍ନୀତି ବିରୋଧରେ ଭୁବନେଶ୍ୱର ପୋଲିସ କମିସନର ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ସାକ୍ଷାତ କରି ଜଣାଇଥିଲେ। ଶ୍ରୀ ନୱାଜ ଅଭିଯୋଗ କରିଛନ୍ତି ଯେ କ୍ୟାପିଟାଲ ଥାନା ଅଧିକାରୀ ଶ୍ରୀ ଗିରିଜା ଚକ୍ରବର୍ତ୍ତୀଙ୍କର ତିନିବର୍ଷ ହେବ ବଦଳି ହେବାପରେ ବି ସେ କେଉଁ ଆଧାରରେ କ୍ୟାପିଟାଲ ଥାନାରେ ରହିଛନ୍ତି ? ତାଙ୍କ ନାମରେ ଦୁର୍ନୀତି, ପକ୍ଷପାତିତା, ଅପରାଧ ନିୟନ୍ତ୍ରଣରେ ବିଫଳତା ହେବାର ବହୁ ଅଭିଯୋଗ ପରେ ବି ଜଣେ ଏଭଳି ଅଫିସରଙ୍କୁ କିପରି କ୍ୟାପିଟାଲ ଥାନାଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କାର୍ଯ୍ୟକରିବାକୁ ଦିଆଯାଇଛି ? କ୍ୟାପିଟାଲ ଥାନାର ସୀମାଭିତରେ ଛିନତେଇ, ଡକାୟତି, ଡ୍ରଗ୍ସ ନିଶାକାରବାର ବଢ଼ିଚାଲିଥିଲା ବେଳେ ଏହି ଅଫିସର ଜଣଙ୍କ ଏଠାରେ କେଉଁ କାମ କରୁଛନ୍ତି ? କଂଗ୍ରେସ ଭବନ ପୋଡ଼ିରେ ସଂପୃକ୍ତ ଥିବା ଅପରାଧୀଙ୍କୁ ଧରିବା ବଦଳରେ ଛାତ୍ରନେତା ନିହାର ରଂଜନ ବେହେରାଙ୍କୁ ଗିରଫ କରିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ନୱାଜ କହିଛନ୍ତି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପୋଲିସ୍ ଯେଭଳି ନିରପେକ୍ଷତା ଅବଲମ୍ବନ କରିବାକଥା ଶ୍ରୀ ଚକ୍ରବର୍ତ୍ତି ସେହି ଦାୟୀତ୍ୱ ନିର୍ବାହ କରୁନାହାନ୍ତି। ବିରୋଧି ଦଳର କଣ୍ଠରୋଧ କରିବାପାଇଁ ଛାତ୍ରନେତାଙ୍କ ନାମରେ ମିଥ୍ୟା ମକଦମା ରୁଜୁ କରୁଛନ୍ତି। କୌଣସି ଗଣ୍ଡଗୋଳରେ ଶ୍ରୀ ବେହେରା ସାମିଲ ନଥାଇ କାହା ଚାପରେ ତାଙ୍କୁ ଗିରଫ କରି ହାଜତ ପଠାଯାଇଛି ବୋଲି ଶ୍ରୀ ନୱାଜ ପ୍ରଶ୍ନ କରିଛନ୍ତି। ଭୁବନେଶ୍ୱର ପୋଲିସ କମିସନର ଛାତ୍ର କଂଗ୍ରେସର ଅଭିଯୋଗ ଗ୍ରହଣ କରିବା ସହ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଶ୍ରୀ ନୱାଜ କହିଛନ୍ତି।

## ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କାର୍ତ୍ତିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

## ଥାନୁଆଲ ପଞ୍ଚାୟତରେ ନିର୍ବାଚନୀ ହିଂସା : ବିଜେଡ଼ି ପ୍ରଚାର ଗାଡ଼ିକୁ ଭାଙ୍ଗିଲେ ବିରୋଧୀ ସମର୍ଥକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଥାନୁଆଲ ପଞ୍ଚାୟତରେ ବିଜେଡ଼ି ପ୍ରଚାର ଗାଡ଼ିକୁ ବିରୋଧୀ ଦଳ ସମର୍ଥକ ଭଙ୍ଗାରୁଜା କରିଛନ୍ତି। ଗାଡ଼ି କାଚକୁ ଭାଙ୍ଗିବା ସହିତ ଏଥିରେ ଲଗା ଯାଇଥିବା ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ବ୍ୟାନରକୁ ଚିରି ଦେଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଘଟଣାରୁ ପ୍ରକାଶ ଯେ, ମୁରାରୀପୁର ଗ୍ରାମରେ ବିଜେଡ଼ି ଜିଲ୍ଲା ପରିଷଦ ପ୍ରାର୍ଥୀ ସ୍ମୃତିରେଖା ବେହେରା, ଥାନୁଆଲ ପଞ୍ଚାୟତ ବିଜେଡ଼ି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ନର୍ମଦା ସ୍ୱାଇଁ ଓ ସମିତିସଭ୍ୟା ପ୍ରାର୍ଥିନୀ ସ୍ନେହଲତା ଦୋରାଙ୍କ ସମର୍ଥକମାନେ ଭୋଟ୍ ପ୍ରଚାର କରୁଥିଲେ। ଏହି ସମୟରେ ଅସନ୍ତୁଷ୍ଟ ବିଜେଡ଼ି ସରପଞ୍ଚ ପ୍ରାର୍ଥିନୀ କୁନ୍ତଳା ସେଠୀଙ୍କ ପ୍ରଚାର ଗାଡ଼ି ବିଜେଡ଼ି ରାଲିକୁ ଅତିକ୍ରମ କରୁଥିଲା। ତେବେ ଏହି ଗାଡ଼ିକୁ ବିଜେଡ଼ି ସମର୍ଥକମାନେ ଛାଡ଼ି ନଥିଲେ। ଫଳରେ ଉଭୟ ପକ୍ଷଙ୍କ ମଧ୍ୟରେ କଳିଝଗଡ଼ା ଓ ମାରପିଟ୍ ହୋଇଥିଲା। ପରେ ଉପସ୍ଥିତ ଲୋକମାନେ ସେମାନଙ୍କୁ ବୁଝାସୁଝା କରି ବିଦା କରି ଦେଇଥିଲେ। ଏହାର କିଛି ସମୟ ପରେ ଥାନୁଆଲ ହାଟ ପଡ଼ିଆ ନିକଟରେ ବିଜେଡ଼ି ପ୍ରଚାର ଗାଡ଼ିକୁ ପ୍ରତିପକ୍ଷ ସମର୍ଥକମାନେ ଭଙ୍ଗାରୁଜା କରିବା ସହିତ ଏଥିରେ ଲାଗିଥିବା ବ୍ୟାନରକୁ ଚିରି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି।




# ଆତ୍ମନିର୍ଭର ଅର୍ଥବ୍ୟବସ୍ଥା' ଏବଂ "ବଜେଟ ୨୨-୨୩"

ଭୁବନେଶ୍ୱର,(ପି.ଏନ): ଓଡିଶା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ହୃଦୟରେ ବିଶେଷ ସ୍ଥାନ ରହିଛି। ଓଡିଶା ମାଟିର ଋଣ ଶୁଝାଇବା ଏବଂ ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ମିଶନର ସ୍ୱପ୍ନକୁ ସାକାର କରିବା ଏବଂ ସାଢେ ୪କୋଟି ଓଡିଆଙ୍କ ବିକାଶ ପାଇଁ କାର୍ଯ୍ୟ କରିବା ଆମର ମୁଳ ଲକ୍ଷ୍ୟ। ଅତୀତରେ ଓଡିଶାର ବିକାଶ ପାଇଁ ଆବଶ୍ୟକୀୟ କେନ୍ଦ୍ରୀୟ ଆର୍ଥିକ ଅନୁଦାନ ମିଳୁ ନଥିଲା । ମାତ୍ର ଆଜି ଯାହା ଦାବି କରାଯାଉଛି ତାହାଠୁ ଅଧିକ ମିଳୁଛି। ଉଦାହରଣ ସ୍ୱରୂପ, ୟୁପିଏ ଶାସନ କାଳରେ ୨୦୧୪ ମସିହା ପର୍ଯ୍ୟନ୍ତ ଓଡିଶା ରାଜ୍ୟକୁ ରେଳ ବିଭାଗ ପାଇଁ ହାରାହାରି ମାତ୍ର ୮୦୦ କୋଟି ଟଙ୍କାର ଅନୁଦାନ ଆସୁଥିବାବେଳେ ୨୦୧୪ ପରବର୍ତୀ ମୋଦି ସରକାର ଶାସନ କାଳରେ ଏହି ଅନୁଦାନ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି। ଚଳିତ ବର୍ଷ ପାଇଁ ୟୁପିଏ ସରକାର ତୁଳନାରେ ଓଡିଶାକୁ ୧୦ଗୁଣ ଅଧିକ ୯୭୩୪ କୋଟି ଟଙ୍କାର ରେଳ ବଜେଟ ଅନୁମୋଦନ ଏକ ନୂତନ ରେକର୍ଡ ସୃଷ୍ଟି କରିଛି ବୋଲି କେନ୍ଦ୍ର ରେଳ ଏବଂ ସୁଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ "ଆତ୍ମନିର୍ଭର ଅର୍ଥନୀତି ଏବଂ ବଜେଟ ୨୦୨୨-୨୩" ଶୀର୍ଷକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି ଯେ, 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ'କୁ ପାଥେୟ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଗତ ୧ ତାରିଖ ଦିନ ଉପସ୍ଥାପନା କରିଥିବା "ବଜେଟ-୨୦୨୨"କୁ ଦେଶବ୍ୟାପୀ ପ୍ରଶଂସା ମିଳିଛି। କେନ୍ଦ୍ରୀୟ ବଜେଟରେ ଓଡିଶାକୁ ବିପୁଳ ମାତ୍ରାରେ ଅର୍ଥ ପ୍ରଦାନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ ଏଥିରେ ବଡ ଭୁମିକା ଗ୍ରହଣ କରିଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଧନ୍ୟବାଦ ଜ୍ଞାପନ କରିଛନ୍ତି ।ରାଜ୍ୟରେ ଟେଲିକମ ସେକ୍ଟରକୁ ସୁଦୃଢ଼ କରିବା ପରିପ୍ରେକ୍ଷୀରେ ଏବଂ ଯେପରି ଗୋଟିଏ ବି ଗାଁ ଇଂଟରନେଟ ସେବା ପାଇବାରୁ ବଂଚିତ ନହୁଏ ସେଥି ସକାଶେ ନୂଆ ଟାୱାର ସ୍ଥାପନ ପାଇଁ ୩୯୩୩ଟି ସ୍ଥାନ ଚିହ୍ନଟ କରାଯାଇଛି । ୟୁପିଏ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତି କାରଣରୁ ବିଏସଏନାଲ ଭଳି ସଂସ୍ଥା ଦେବାଳିଆ ହୋଇଯାଇଥିଲା । ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ବ୍ୟାପକ ସଂସ୍କାର ଆଣିବା ପରେ ଗତବର୍ଷ ବିଏସଏନଏଲ ଲାଭଜନକ ସଂସ୍ଥା ହୋଇପାରିଛି । ଭାରତବର୍ଷର ନିଜସ୍ୱ ଜ୍ଞାନକୌଶଳରେ ୪-ଜି ଏବଂ ୫-ଜି ନେଟୱାର୍କର ବିକାଶ ପାଇଁ କାର୍ଯ୍ୟ ଚାଲିଛି ଏବଂ ଅତିଶୀଘ୍ର ଦେଶବାସୀ ଏହି ସେବା ପାଇବେ ।ଚାଷୀ, ଗରିବ ବାସହୀନଙ୍କୁ ଘର, ପାନୀୟ ଜଳ ଯୋଗାଣ, ରୋଜଗାର ସୃଷ୍ଟି ଆଦି ପାଇଁ ଚଳିତ ବଜେଟରେ ରେକର୍ଡ ପରିମାଣର ଅନୁଦାନ ପ୍ରଦାନ କରାଯାଇଛି। ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୁଲ୍ୟ ଟଙ୍କା ଯେପରି ଚାଷୀମାନେ ପାଇପାରିବେ, ସେଥି ପାଇଁ ଡିବିଟି ଜରିଆରେ ଉକ୍ତ ଟଙ୍କାକୁ ଚାଷୀଙ୍କ ବ୍ୟାଂକ ଖାତାକୁ ପଠାଯିବାର ବ୍ୟବସ୍ଥା କରାଯାଇଛି। ମୋଦି ସରକାର ଶାସନ କାଳରେ ଖଣି କ୍ଷେତ୍ରରେ ବ୍ୟାପକ ମାତ୍ରରେ ସଂସ୍କାର ଆସିଥିବାରୁ ଆଜି ଓଡିଶା ରାଜ୍ୟର ଖଣି ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ୩ ରୁ ୪ ହଜାର କୋଟି ପର୍ଯ୍ୟନ୍ତ ଟଙ୍କା ଗଚ୍ଛିତ ଅଛି। ଏହି ଅର୍ଥର ସଠିକ ଭାବେ ବିନିଯୋଗ ହେବାର ଆବଶ୍ୟକତା ଅଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।କେନ୍ଦ୍ର ବଜେଟରେ ରେଳ ମନ୍ତ୍ରଣାଳୟକୁ ୧,୪୦, ୩୬୭.୧୩ କୋଟି ଟଙ୍କା ମିଳିଛି। ଏହା ପୂର୍ବ ଆର୍ଥିକ ବର୍ଷର ସଂଶୋଧିତ ବଜେଟ ତୁଳନାରେ ୨୦,୩୧୧କୋଟି ଅଧିକ। ରେଳପଥ ସମେତ ରେଳ ଯାତ୍ରୀଙ୍କ ସୁରକ୍ଷା ଓ ଗମନାଗମନ, ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିବା ମୋଦି ସରକାର କାର୍ଯ୍ୟରତ । ବଜେଟରେ ରେଳ ଲାଇନର ନବୀକରଣ ପାଇଁ ୧୩,୩୩୫.୪୭କୋଟି, ଗଜ କନଭରସନ ପାଇଁ ୨,୮୫୦କୋଟି, ଦୋହରୀକରଣ ପାଇଁ ୧୨,୧୦୮କୋଟି ଟଙ୍କା ଦିଆଯାଇଛି। ଅତିରିକ୍ତ ଭାବେ ଡିଏଫସି ଭାବେ ୧୫,୭୧୦.୪୪କୋଟି ଦିଆଯାଇଛି। ନୂଆ ରେଳ ଲାଇନ ପାଇଁ ମଧ୍ୟ ୨୫,୨୪୩କୋଟି ଟଙ୍କା ଆବଂଟିତ କରାଯାଇଛି। ସାରା ଦେଶ ପାଇଁ ଆସନ୍ତା ୩ ବର୍ଷରେ ୪୦୦ଟି ବନ୍ଦେ ଭାରତ ଟ୍ରେନ ଚାଲିବ । ରାଜ୍ୟରେ ୯୮.୭କିମିର ଅନୁଗୋଳ - ସୁକିନ୍ଦା ରୋଡ୍ ଲାଇନ ପାଇଁ ୪୭୫କୋଟି ଟଙ୍କା, ୮୨କିମି ହରିଦାସପୁର - ପାରାଦ୍ୱୀପ ରେଳ ଲାଇନ ପାଇଁ ୮୫କୋଟି ଟଙ୍କା, ତାଳଚେର - ବିମଳାଗଡ ୧୫୪କିମି ରେଳ ଲାଇନ ପାଇଁ ୨୫୦କୋଟି ଟଙ୍କା, ଭଦ୍ରକ - ନିର୍ଗୁଣ୍ଡି ତୃତୀୟ ଲାଇନ ପାଇଁ ୨୫୧କୋଟି, ଖୋର୍ଦ୍ଧା - ବାରଙ୍ଗ ତୃତୀୟ ଲାଇନ ପାଇଁ ୧୬୪କୋଟି, ସମ୍ବଲପୁର - ଟିଟିଲାଗଡ ୧୮୨.୧୧କିମି ରେଳ ଲାଇନ ଦୋହରିକରଣ ପାଇଁ ୯୯କୋଟି ଟଙ୍କା, ସମ୍ବଲପୁର - ତାଳଚେର ରେଳ ଲାଇନର ଦୋହରିକରଣ ପାଇଁ ୧୭୨କୋଟି ଟଙ୍କା, ଝାରସୁଗୁଡା - ବିଳାସପୁର ଚତୁର୍ଥ ଲାଇନ ପାଇଁ ୭୧୭କୋଟି ଟଙ୍କା ଦିଆଯାଇଛି, ଜୟପୁର - ମାଲକାନଗିରି ୧୩୦କିମି ପାଇଁ ୧୩କୋଟି ଟଙ୍କା, ଜୟପୁର - ନବରଙ୍ଗପୁର ପାଇଁ ୮୧କୋଟି ଟଙ୍କା ଦିଆଯାଇଛି। ବଜେଟ୍ ଉପସ୍ଥାପନ କରିବା ବେଳେ ସଡକ, ରେଳ, ରାଜପଥ, ବନ୍ଦର ଓ ସାଧାରଣ ପରିବହନକୁ ସରକାର ଅଧିକ ଗୁରୁତ୍ୱ ଦିଆଯାଇଛି । ।ଜ୍ୟରେ ୧୨ଟି ରେଳ ଷ୍ଟେସନ ଡିଜାଇନର ଉନ୍ନତିକରଣ କାର୍ଯ୍ୟ ଚାଲୁରହିଛି । ନୂଆ ରେଳ ଲାଇନ ପାଇଁ ବ୍ୟବସ୍ଥା କରାଯାଇଛି। ମୟୁରଭଞ୍ଜ ଅଂଚଳରେ ତିନୋଟି ନୂଆ ରେଳ ଲାଇନ ପାଇଁ ବି କାର୍ଯ୍ୟ କରାଯାଉଛି । ରାଜ୍ୟରେ ରେଳ ବିକାଶ ପାଇଁ ପାଣ୍ଠିର ଅଭାବ ରହିବ ନାହିଁ। କଳାହାଣ୍ଡିଠାରେ ରେଳ ୱାଗନ ଫ୍ୟାକ୍ଟ୍ରି ପ୍ରତିଷ୍ଠା ପାଇଁ ଏଯାଏଁ ୫୦ପ୍ରତିଶତ ଜମି ଅଧିଗ୍ରହଣ ହୋଇଛି। ବାକି ଜମି ରାଜ୍ୟ ଦେଲେ ଖୁବ ଶୀଘ୍ର କାମ ଆରମ୍ଭ ହେବ ବୋଲି ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଘରୋଇ ନିବେଶ ଓ ଚାହିଦାକୁ ପ୍ରୋତ୍ସାହନ ଦେବା ଲାଗି ୨୦୨୨-୨୩ ଆର୍ଥିକ ବର୍ଷରେ ପୁଞ୍ଜିଗତ ବ୍ୟୟବରାଦକୁ ୩୫.୪ ପ୍ରତିଶତ ବୃଦ୍ଧି କରାଯାଇ ୭.୫୦ ଲକ୍ଷ କୋଟି ଟଙ୍କା କରାଯାଇଛି। ଯାହାକି ପୂର୍ବ ବର୍ଷ ୫.୫୪ ଲକ୍ଷ କୋଟି ଟଙ୍କା ଥିଲା। ଏହା ଦ୍ୱାରା ଆର୍ଥିକ ଅଭିବୃଦ୍ଧି ହେବା ସହ ରୋଜଗାର ସୃଷ୍ଟି କ୍ଷେତ୍ରରେ ବହୁ ସହାୟକ ହେବ । ଏଥିସହ ଭାରତର ଭିତିଭୂମି ବିକାଶ ପାଇଁ ନୂତନ ବ୍ଲୁ ପ୍ରିଂଟର ଅଂଶବିଶେଷ ଭାବେ ପ୍ରଧାନମନ୍ତ୍ରୀ ଗତି ଶକ୍ତି ମାଷ୍ଟରପ୍ଲାନ ପ୍ରସତୁତ ହୋଇସାରିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।ଜମି ଅଧିଗ୍ରହଣ ଓ ଫରେଷ୍ଟ କ୍ଲିଅରାନ୍ସ ହୋଇପାରିଲେ ଏବଂ ଏହି ଟଙ୍କାକୁ ଆମେ ଖର୍ଚ୍ଚ କଲେ ଆମକୁ ଅଧିକ ଅର୍ଥ ମିଳିବ। ଏହି ଅର୍ଥକୁ ଖର୍ଚ୍ଚ କରିବା ପାଇଁ ଆମ ସମସ୍ତଙ୍କୁ ମିଳିତ ଉଦ୍ୟମ କରିବାକୁ ପଡିବ । ଓଡିଶା ମାଟିର ଋଣକୁ ସୁଝିବା ଆମ ସମସ୍ତଙ୍କ କର୍ତବ୍ୟ। ବିକାଶ ପାଇଁ ରାଜନୀତି କରିବା ନାହିଁ। ଆବଶ୍ୟକ ହେଲେ ମୁଁ ନିଜେ ଆରଆଇ, ତହସିଲଦାରଙ୍କ ସହ ଆଲୋଚନା କରିବା ପାଇଁ ପ୍ରସ୍ତୁତ ଅଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ଗଣମାଧ୍ୟମ ସଂଯୋଜକ ଦିଲିପ୍ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଶୋକ ସଭା



ଯାଜପୁର,(ପି.ଏନ): ଯାଜପୁର ଟାଉନ ସ୍ଥିତ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ସଂଗଠନର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ହରିହର ସ୍ୱାଇଁଙ୍କ ଶଶୁର ସମାଜସେବୀ ବିନୟ କୁମାର ସାମଲଙ୍କ ବିୟୋଗରେ ଶୋକସଭା ପାଳିତ ହୋଇଅଛି। ଶ୍ରୀମଦ ଭାଗବତ ଗୀତା ମାନବଜୀବନର ଅନିତ୍ୟତା ସମ୍ପର୍କରେ ଘୋଷଣା କରିଛନ୍ତି। 'ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ଧ୍ରୁବଂ ଜନ୍ମ ମୃତସ୍ୟ ଚ' ଅର୍ଥାତ ସଂସାରରେ ଜନ୍ମ ହୋଇଥିବା ପ୍ରତ୍ୟେକ ପ୍ରାଣୀର ମୃତ୍ୟୁ ଯେପରି ନିଶ୍ଚିତ, ମୃତ ପ୍ରାଣୀର ଜନ୍ମ ମଧ୍ୟ ସେହିପରି ନିଶ୍ଚିତ। ଏଣୁ ଏହି ସଂସାରକୁ ଜନ୍ମ ମୃତ୍ୟୁର ଲୀଳା ଭୂମି କୁହାଯାଏ। ଏହି ଲୀଳା ଭୂମିରେ ସମସ୍ତେ ନିଜ ନିଜ ଅଭିନୟ ସାରି ପୁଣି ବାହୁଡ଼ି ଯିବେ। ଏହିହିଁ ଚିରନ୍ତନ ସତ୍ୟ। ଏହି ଦୃଷ୍ଟିରୁ ବିନୟ କୁମାର ସାମଲ ମହୋଦୟଙ୍କର ବିୟୋଗ ଏକ ସ୍ୱାଭାବିକ ଧାରା, କିନ୍ତୁ ତାଙ୍କର ବିୟୋଗ ସ୍ୱାଭାବିକ ହୋଇଥିଲେ ମଧ୍ୟ ଆମ ପାଇଁ ଅତ୍ୟନ୍ତ ଦୁଃଖ ଦାୟକ। ଆଜି ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିତ୍ୱରେ ପୁଣ୍ୟାତ୍ମା ସାମଲ ମହୋଦୟଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଅଛି। ଏହି ଶୋକ ସଭାରେ ମାନବାଧିକାରୀ କର୍ମୀ ଅଭିଜିତ ଦୀକ୍ଷିତ, ଭରତ ଚନ୍ଦ୍ର ବେହେରା, ସୁରଜ କୁମାର ପଣ୍ଡା, ରାଜନୀକାନ୍ତ ସାହୁ, ମୁକୁନ୍ଦ ନାୟକ, ଧନଞ୍ଜୟ ନାୟକ, ସାମ୍ବାଦିକ ସନ୍ତୋଷ କୁମାର ମିଶ୍ର, ଭାବଗ୍ରାହୀ ମିଶ୍ର, ଧନଞ୍ଜୟ ପୃଷ୍ଟି, ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରିହରି ସ୍ୱାଇଁ ପ୍ରମୁଖ ଯୋଗଦେଇ ଦିବଙ୍ଗତ ସାମଲଙ୍କ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗଠନର ସମ୍ପାଦକ ଅଭିମନ୍ୟୁ ମିଶ୍ର ସଞ୍ଚାଳନ କରିଥିଲେ।

# ପଂଚାୟତ ନିର୍ବାଚନରେ ଉଭୟ ସରକାରଙ୍କୁ ଠିକଣା ଜବବା ଦେବେ ଚାଷୀ : କିଷାନ କଂଗ୍ରେସ

ଭୁବନେଶ୍ୱର , (ପି.ଏନ): ବର୍ତମାନ ସାରା ରାଜ୍ୟରେ ହଜାର ହଜାର ବସ୍ତା ଧାନ ମଣ୍ଡିରେ ପଡ଼ିଛି। ଅଦିନିଆ ବର୍ଷାଦ୍ୱାରା ଧାନ ଭିଜୁଛି, ଷଡୁଛି। ଧାନର ମାନ ପରିବର୍ତାନ ହେଲାଣି। ମିଲର ଏହାର ସୁଯୋଜ ଉଣ୍ଡି ବିଭିନ୍ନ ଆଳ ଦେଖାଇ ପ୍ରତି କ୍ୟୁଂଟାଲରେ ୫ରୁ ୧୦ କେଜି ଧାନ କାଟୁଛି। ଚାଷି ଧାନ ଦେବାରେ ୨୪ ଘଂଟା ପରେ ତାର ପ୍ରାପ୍ୟ ପାଇବା କଥା କିନ୍ତୁ ବହୁ ସ୍ଥାନରେ ୮ରୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ଚାଷୀର ଆକାଉଂଟକୁ ଟଙ୍କା ଆସୁ ନାହିଁ। ଜାଣିଶୁଣି ମଣ୍ଡିକୁ ଟାର୍ଗେଟ କମାଇ ଦିଆଯାଉଛି। ସରକାର ଧାନ କିଣିବା ପରିବେର୍ତ ମିଲର ତାର ମନମାନିରେ ଧାନ କିଣୁଛି। ବ୍ୟବସ୍ଥିତ ଢ଼ଙ୍ଗରେ ମଣ୍ଡି ଚାଲୁନାହିଁ। ଅନେକ ଜିଲ୍ଲାରେ ମଣ୍ଡି ଭିର୍ତିଭୂମି ନାହିଁ, କିମ୍ବା ଗୋଦାମ ଘର ନାହିଁ। ସରକାର ଚାଷୀଙ୍କ ସ୍ୱାର୍ଥ ପରିବର୍ତେ ମିଲର ମାନଙ୍କ ସ୍ୱାର୍ଥକୁ ବେଶି ଗୁରୁତ୍ୱଦେଉଛନ୍ତି। ଏବେ ଧାନକିଣା ଏକ ପ୍ରହସନରେ ପାଲିଟିଛି କେବଳ କାଗଜ କଲମରେ ଚାଲିଛି ଧାନକିଣା। ସରକାରର ଏଥିପ୍ରତି ମଧ ନିଘା ନାହିଁ ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି କିଷାନସେଲ ଅଧ୍ୟକ୍ଷ ଶ୍ରୀ ଅମିୟ କୁମର ପଟ୍ଟନାୟକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏଥିପାଇଁ ସଂପୂର୍ଣ୍ଣ ଦାୟୀ କରିଛନ୍ତି। ସରକାର ଆମଗାଁ ଆମ ବିକାଶ କଥାର ଡିଣ୍ଡିମ ପିଟୁଥିବା ବେଳେ ରାଜ୍ୟ ଜନସଂଖ୍ୟାର ୭୦ପ୍ରତିଶତ ହେଲେ ଚାଷୀ କିନ୍ତୁ ସରକାରଙ୍କ ଖାତାରେ ଚାଷୀ ନାହାନ୍ତି। ଏ ଅଣଦେଖା କ'ଣ ପାଇଁ? ମିଲର ପ୍ରଶାସନ ଓ ସରକାରଙ୍କ ମଧୁଚନ୍ଦ୍ରିକାରେ ଧାନ କିଣାଯିବାର ବ୍ୟବସ୍ଥା କରାଯାଇ ପଂଚାୟତ ନିର୍ବାଚନରେ ବିଜେଡ଼ି ଭୋଟ ହାତେଇବାକୁ ଚାଷୀଙ୍କ ଟଙ୍କା ଲୁଟ କରୁଛନ୍ତି। ଚାଷୀ ଧାନ ବିକିବେ, ସରକାର ଧାନ କିଣିବେ, ମିଲର ଏହାକୁ ବୟଲ କରି ଚାଉଳ କରିବ। ରାଜ୍ୟର ଆବଶ୍ୟକ ପୂରଣ ପରେ ବଳକାଧାନର ଉତ୍ପାଦିତ ଚାଉଳକୁ ଏଫସିଆଇ କିଣିବା କଥା କିନ୍ତୁ ଏଫସିଆଇ କିଣୁନାହିଁ କେନ୍ଦ୍ର ସରକାରଙ୍କ ଜାଣିଶୁଣି ଏଦିଗରେ ରାଜନୀତି କରୁଛନ୍ତି। ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ଧାନର କ୍ୟୁଂଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି କରାଗଲା ନାହିଁ। ଏମଏସପିର ଆଇନଗତ ଗ୍ୟାରେଂଟି ମିଳିଲା ନାହିଁ। କିନ୍ତୁ ଅପରପକ୍ଷେ ପ୍ରଧାନମନ୍ତ୍ରୀ ଚଳିତ ବର୍ଷ ସୁଦ୍ଧା ଚାଷୀର ଆୟ ଦୁଇଗୁଣା କରିବେ ବୋଲି ୫ବର୍ଷ ତଳେ ଦେଇଥିବା ପ୍ରତିଶ୍ରୁତି କେବଳ ଘୋଷଣାରେ ରହିଛି। ଚାଷୀଙ୍କ ଧାନ କିଣାଯାଉ ନାହିଁ କିମ୍ବା ଏଫସିଆଇ ରାଜ୍ୟରୁ ଚାଉଳ କିଣାଯାଉ ନାହିଁ। ଫଳରେ ବିଜେଡ଼ି ଓ ବିଜେପି କଳିରେ ଚାଷୀ ପଡୁଛି ବଳି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଓଡ଼ିଶାରେ ଖରିଫରେ ୫୨ଲକ୍ଷ ମେଟ୍ରିକ ଟନ ଚାଉଳ ଉତ୍ପାଦନ ହେଉଛି। ହେବ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନରେ ୨୪ଲକ୍ଷ ମେଟ୍ରିକଟନ ଚାଉଳ ବଂଟନ ପରେ ବାକି ୨୮ଲକ୍ଷ ମେଟ୍ରିକ ଟନ ଚାଉଳରୁ ଅରୁଆ ମାତ୍ର ୪ଲକ୍ଷ ମେଟ୍ରିକ ଟନ। ଆଉ ବଳକା ୨୪ଲକ୍ଷ ମେଟ୍ରିକ ଟନ ଚାଉଳ ଏଫସିଆଇ କିଣିବା କଥା। ଏବେ ଏଫସିଆଇ ବଳାକ ଚାଉଳ କିଣୁ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅରୁଆ ଚାଉଳ ପ୍ରସ୍ତୁତି ପାଇଁ ଓଡ଼ିଶାରେ କୌଣସି ଭିତିଭୂମି ସ୍ଥାପନ କରାଯାଇ ନାହିଁ।

# ସ୍ୱର ସାମ୍ରାଜ୍ଞୀ ଭାରତରତ୍ନ ଲତା ମଙ୍ଗେଶକରଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର, (ପି.ଏନ):ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେଶକରଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀସମୀରମହାନ୍ତି ଗଭୀର ଶୋକ ବ୍ୟକ୍ତ କରିବା ସହ ରାଜ୍ୟକାର୍ଯ୍ୟାଳୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ତାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି ଅବସରରେ କେନ୍ଦ୍ର ରେଳଏବଂ ସୁଚନା ଓ ପ୍ରଯୁକ୍ତିମନ୍ତ୍ରୀଶ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସଂଗୀତ ଦୁନିଆକୁ ଲତାଦିଦିଙ୍କ ଅବଦାନ ଚିରସ୍ମରଣୀୟ । ଲତା ଦିଦି ଆମହୃଦୟରେ ଯୁଗେ ଯୁଗେରହିବେ। ତାଙ୍କ ବିୟୋଗକୁ ଶବ୍ଦରେ ବର୍ଣ୍ଣନାକରିହେବ ନାହିଁ।ସଂଗୀତ ଜଗତ ପାଇଁ ଏକ ଅପୁରଣୀୟକ୍ଷତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତଃ ଲତାମଙ୍ଗେଶକରଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ରାଜ୍ୟ ବିଜେପି ତରଫରୁ ଶ୍ରୀମହାନ୍ତି ଓ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ସମବେଦନା ଜ୍ଞାପନ କରିଛନ୍ତି ।ଏହ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ପାର୍ଟିର ବହୁ କାର୍ଯ୍ୟକର୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

# ଓଳାଶୁଣୀ ମେଳାରେ ବେପାରୀଙ୍କ ଘରେ ତାଲା



ବଡ଼ଚଣା ,(ପି.ଏନ): ଓଳାଶୁଣୀ ମେଳାରେ ବେପାରୀଙ୍କ ଘରେ ତାଲା। ଯାଜପୁର ଜିଲ୍ଲାରେ ଓଳାଶୁଣୀ ମେଳା ରାଜ୍ୟ ଓ ରାଜ୍ୟ ବାହାରେ ଖୁବ୍ ଜଣାଶୁଣା। ତାହା ବଡ଼ଚଣା ବ୍ଲକ ପଲାଇ ମୌଜାରେ ଅବସ୍ଥିତ । ଏହି ମେଳା ଦଶମୀଠାରୁ ଆରମ୍ଭ ହୋଇ ସରସ୍ୱତୀ ପୂଜା ପର୍ଯ୍ୟନ୍ତ ଜନଗହଳି ଲାଗି ରହିଥାଏ। ଚଳିତ ବର୍ଷ ତା୧୨/୦୧/୨୦୨୨ ଦଶମୀଠାରୁ ଆରମ୍ଭ ହୋଇ ଗତ ତା ୦୫/୦୨/୨୦୨୨ ରିଖ ସରିଯାଇଛି। ମେଳାରେ ଗହଳି ଜମା ଦେଖା ଯାଇନଥିଲା। ବେପାରୀଙ୍କ ପସରା ବନ୍ଦ ହୋଇଯାଇଥିଲା। ଏହି ମେଳାରେ ୧୫ ଦିନ ଯାଏ ବେପାରୀଙ୍କ ବେପାର ଖୁବ୍ ଜମିଥାଏ। ବିଭିନ୍ନ ପାର୍ଟିରଯାତ୍ରା ପିଲାମାନଙ୍କ ପାଇଁ ବିଭିନ୍ନ କିଷମର ଦୋଳି ମେଳାକୁ ସୁନ୍ଦର କରିଥାଏ। ମେଳାରେ ବିଶେଷ କରି କଟକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ଲୋକଙ୍କ ଗହଳି ରହିଥାଏ। ସ୍ଥାନୀୟ ପ୍ରଶାସନଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କର ତୀକ୍ଷଣ ଦୃଷ୍ଟିଥାଏ କରୋନା ମହାମାରୀଙ୍କୁ ଦୃଷ୍ଟିରେ ରଖି ୨ବର୍ଷ ହେବ ପ୍ରଶାସନ ଜନଗହଳି ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛି। ସେଥିପାଇଁ ଦୋକାନ ବଜାର ଉପରେ କଟକଣା ଲାଗୁ କରିଛି। ଚଳିତ ବର୍ଷ ଭୋଗ ଦୋକାନୀଙ୍କୁ ଛାଡି ଦେଲେ ଅନ୍ୟ ସମସ୍ତ ଦୋକାନ ବନ୍ଦ ଥିଲା। ମେଳା ପଡ଼ିଆକୁ ଦେଖିଲେ ଖାଁ ଖାଁ ପରି ଲାଗୁଥିଲା। ଯେଉଁ ଶ୍ରଦ୍ଧାଳୁମାନେ ଓଳାଶୁଣୀ ମା' ଓ ସନ୍ଥ ଅରକ୍ଷିତ ଦାସଙ୍କ ଦର୍ଶନ ପାଇଁ ଆସୁଥିଲେ ସେମାନେ ପୀଠରେ ଭୋଗ ଲଗାଇ ଫେରିଯାଉଥିଲେ। ଶ୍ରଦ୍ଧାଳୁମାନେ କହୁଥିଲେ ସନ୍ଥ ଅରକ୍ଷିତ ଓ ମା ଓଳାଶୁଣୀ ଇଚ୍ଛା କଲେ ମେଳା ପୁନଶ୍ଚ ହସି ଉଠିବ।

## ଚାଷୀଙ୍କ ପନିପରିବା ମାଙ୍କଡ଼ ଦାଉରୁ ରକ୍ଷା ପାଇଁ ବନବିଭାଗ ତରଫରୁ ପଦକ୍ଷେପ

ବଡ଼ଚଣା,(ପି.ଏନ): ବଡ଼ଚଣା ଅନ୍ତର୍ଗତ ସାଉଡ଼ିଆ, ବଣିଆରୀ, ବରପଦା , ତାଳୁଆ ଓ ମୂଷାଟିଗିରି ଗ୍ରାମରେ ଚାଷୀମାନଙ୍କ ପନିପରିବା ମାଙ୍କଡ଼ ମାନେ ନଷ୍ଟ କରୁଥିଲେ ବୋଲି ବନ ବିଭାଗ ନିକଟରେ ଏହି ସବୁ ଗ୍ରାମର ଲୋକମାନେ ଅଭିଯୋଗ କରିଥିଲେ। ଚାଷୀମାନେ କହିବା କଥା ମାଙ୍କଡ଼ ମାନେ ଯେତେ ପରିମାଣରେ ପନିପରିବା ଖାଉଛନ୍ତି ତା ଠାରୁ ଅଧିକ ପରିମାଣରେ ଛିଣ୍ଡାଇ ନଷ୍ଟ କରୁଛନ୍ତି। ଏହି ଅଭିଯୋଗ ଚାଷୀଙ୍କଠାରେ ପାଇବା ପରେ ଚଣ୍ଡିଖୋଲର ବନ ବିଭାଗ ଅଧିକାରୀ ଶ୍ରୀଯୁକ୍ତ ଶଶିକାନ୍ତ ବେହେରା ଗତ ତା ୦୨/୦୨/୨୨ରିଖ ତାଙ୍କ ବନବିଭାଗ କର୍ମଚାରୀଙ୍କୁ ପଠାଇ ମାଙ୍କଡ଼ କେଉଁ ସ୍ଥାନ ମାନଙ୍କରେ ବାସ କରୁଛନ୍ତି ଓ କେଉଁ ଗ୍ରାମରେ କେତେ ପରିମାଣରେ ମାଙ୍କଡ଼ ଅଛନ୍ତି ସାଉଡ଼ିଆ ଗ୍ରାମର ଚାଷୀମାନଙ୍କ ସହଯୋଗରେ ଆକଳନ କରିଥିଲେ। ବନ ବିଭାଗ କର୍ମଚାରୀ ତଦାରଖ କରି ସାରିବା ପରେ କହିଲେ ଆମେ ଯାଇ ସାରଙ୍କ ସହିତ ଆଲୋଚନା କରି ଏହାର ବ୍ୟବସ୍ଥା କରିବୁ। ବନବିଭାଗ ଅଧିକାରୀ ଶଶିକାନ୍ତ ବେହେରା ତାଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ କରି ତା ୦୪/୦୨/୨୦୨୨ରିଖ ଟେଲିଫୋନ୍ ଯୋଗେ ମାଙ୍କଡ଼ ଦାଉରୁ ରକ୍ଷା କରାଯିବା ପାଇଁ ଚାଷୀମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ଚାଷୀମାନେ ଏ ଖବର ପାଇ ଟିକେ ଆଶ୍ୱସ୍ତରେ ଅଛନ୍ତି।

# ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି। ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ। ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି। ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada






# ଭୋଟ ବର୍ଜନ ନିଷ୍ପତ୍ତି ଓ ଗଣଧାରଣା ପ୍ରତ୍ୟାହୃତ




ଚଣ୍ଡିଖୋଲ,(ପିଏନ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମପଂଚାୟତ ଅଧିନ ନୁଆସୁଙ୍ଗୁଡ଼ା ଶିବ ମନ୍ଦିର ଠାରେ ଦୀର୍ଘ ୧୪ ଦିନ ହେଲା ଚାଲିଥିବା ଭୋଟ ବର୍ଜନ ନିଷ୍ପର୍ତ୍ତୀ ଓ ଗଣଧାରଣା ଆଜି ପ୍ରତ୍ୟାହୃତ ହୋଇଛି। ଧାରଣା ସ୍ଥଳରେ ଆଜି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗ ଦେଇ ଧାରଣାରତ ଗ୍ରାମବାସୀଙ୍କୁ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ଥିବା ସରକାରୀ ମାନଦଣ୍ଡ ପୁରଣ ପାଇଁ ଜିଲାପାଳ, ସ୍ଥାନୀୟ ତହସିଲଦାର ଓ ବିଡ଼ିଓଙ୍କ ସହିତ କଥା ହୋଇଥିଲେ। ବର୍ତ୍ତମାନ ତ୍ରିସ୍ତରୀୟ ଗ୍ରାମପଂଚାୟତ ନିର୍ବାଚନ ପରୀପ୍ରେକ୍ଷୀରେ ସରକାରୀଙ୍କ ତରଫରୁ ଲାଗୁ ହୋଇଥିବା ଆଦର୍ଶ ଆଚନଣ ବିଧି ଯୋଗୁ କୌଣସି କାର୍ଯ୍ୟ କରାଯାଇ ପାରିବ ନାହିଁ। ରାଜସ୍ୱ ଗ୍ରାମର ମାନ୍ୟତା ପାଇବା ପାଇଁ ଆବଶ୍ୟକ ହେଉଥିବା ଗୋଚର ଜମି, ରକ୍ଷିତ ଅନାବାଦୀ ଓ ଲୋକସଂଖ୍ୟା ପୁରଣ ହେଉଛି। ଫଳରେ ଏହାର ରାଜସ୍ୱ ଗ୍ରାମର ମାନ୍ୟତା ପାଇବା ପାଇଁ ହକଦାର ହେଉଅଛି। ଆଚରଣ ବିଧି ଉଠିଲା ପରେ ଗ୍ରାମବାସୀ ଓ ବିଭାଗୀୟ ପ୍ରଶାସୀନକ ଅଧିକାରୀଙ୍କ ସହିତ ଆଲୋଚନା କରି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତିଶୃତି ଦେଲା ପରେ ଗ୍ରାମବାସୀମାନେ ଧାରଣାରୁ ଉଠିବା ପରେ ଆଗାମୀ ତ୍ରିସ୍ତରୀୟ ନିର୍ବାଚନରେ ଯୋଗ ଦେବା ପାଇଁ ପ୍ରତିଶୃତି ଦେଇଥିଲେ। ଏହି ଉପଲକ୍ଷେ ଆୟୋଜି ସଭାରେ ଗ୍ରାମ୍ୟ କମିଟି ସଭାପତି ପ୍ରସନ୍ନ କୁମାର ମାହାଲା ସଭାପତିତ୍ୱ କରିଥିଲା ବେଳେ କୁଳମଣୀ ନାୟକ ସଭା ସଂଚାଳନ କରିଥିଲେ। ଏଥିରେ ବରିଷ୍ଠ ନାଗରୀକ ଲୋକନାଥ ସେନାପତି, ଶରତ ଚନ୍ଦ୍ର ନାୟକ, ମାନଗୋବିନ୍ଦ ଦାସ, ଦୁଷ୍ମନ୍ତ ସ୍ୱାଇଁ, ପ୍ରଦୀପ୍ତ ନାୟକ, ଦିନବନ୍ଧୁ ନାୟକ, ରଂଜନ ସାହୁ, ବନମାଳି ସେନାପତି, ଶ୍ରୀରାମ ସାହୁ, ପ୍ରୀୟବ୍ରତ ନାୟକ, କୁଳମଣୀ ମଳିକ, ଗଙ୍ଗାଧର ସେନାପତି, ଧିରେନ୍ଦ୍ର ସାହୁ, ବିନାୟକ ସେନାପତି, ଯଚିନ୍ଦ୍ର ନାୟକ, ହେମନ୍ତ ନାୟକ, ଶ୍ରୀରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଧାୟକ ଅମର ପ୍ରସାଦ ଶତପଥିଙ୍କ ନିବେଦନ କ୍ରମେ ଗଣଧାରଣା ଓ ଭୋଟ ବର୍ଜନ ନିଷ୍ପତ୍ତି ପ୍ରତ୍ୟାହୃତ ହୋଇଥିଲା।

## ବିଶିଷ୍ଟ ଶ୍ରମିକ ନେତା ଯୋଗେନ୍ଦ୍ର ତ୍ରିପାଠୀଙ୍କ ବିୟୋଗରେ ଶୋକ

ଚଣ୍ଡିଖୋଲ, (ପିଏନ): ଓଡ଼ିଶାର ବିଶିଷ୍ଟ ଶ୍ରମିକ ନେତା ତଥା ହିନ୍ଦ ମଜଦୁର ସଭା ଓ ଓଡ଼ିଶା କେନ୍ଦୁ ପତ୍ର ଶ୍ରମିକ ସଂଘର ସାଧାରଣ ସମ୍ପାଦକ ତଥା ଓଡ଼ିଶା ନିର୍ମାନ ଶ୍ରମିକ କଲ୍ୟାଣ ବୋର୍ଡ଼ର ପୂର୍ବତନ ଚ୍ୟାୟାରମ୍ୟାନ ଯୋଗେନ୍ଦ୍ର ତ୍ରିପାଠୀଙ୍କ ବିୟୋଗରେ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ଚେୟାରମ୍ୟାନ ରମେଶ ଚେଓ ପଟ୍ଟନାୟକ, ଓଡ଼ିଶା ରାଜ୍ୟ ଅସଂଗଠିତ ଶ୍ରମ ସଂଗଠନର ଅବାହକ ନୃସିଂହ ଚରଣ ତ୍ରିପାଠୀ, ସାଧାରଣ ସମ୍ପାଦକ ଦିନବନ୍ଧୁ ସାହୁ, ସଂଗଠନ ସମ୍ପାଦକ ନାରାୟଣ ନାୟକ, ସହ ସମ୍ପାଦକ ରମେଶ ଜେନା, ଶ୍ରମିକ ନେତା ଅକ୍ଷୟ ପଣ୍ଡା, ଅମୂଲ୍ୟ ଭୋଇ, ଦୁର୍ଯ୍ୟୋଧନ ବେହେରା, ସମାଜସେବୀ ରମେଶ ଜେନା, ଧିରେନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ସାହୁ, ଶରତ କୁମାର ରାଉତ, ରବିନ୍ଦ୍ର ମଣ୍ଡଳ, ଭାଗିରଥି ଦାସ, ଦିଲିପ ପ୍ରଧାନ, କୀର୍ତ୍ତନ ବେହେରା ପ୍ରମୁଖ ଶୋକ ବ୍ୟକ୍ତ କରିବା ସହିତ ସ୍ୱର୍ଗତ ତ୍ରିପାଠୀ ଶ୍ରମିକମାନଙ୍କ ପାଇଁ ବହୁ ଜନହିତକାରୀ କାର୍ଯ୍ୟ କରିବା ସହିତ ଶ୍ରମିକମାନଙ୍କ ସାମାଜିକ, ଆର୍ଥିକ ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ।

# ନିଜିଗଡ଼ ତାପଙ୍ଗ ଗ୍ରାମପଂଚାୟତର ସରପଂଚ ପ୍ରାର୍ଥୀନୀ ବିଳାସିନୀ ରାଉତରାୟଙ୍କ ନିର୍ବାଚନ ପ୍ରଚାର



ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ପଂଚାୟତ ସମିତି ଅଧିନସ୍ଥ ନିଜିଗଡ଼ ତାପଙ୍ଗ ଗ୍ରାମପଂଚାୟତର ସରପଂଚ ପ୍ରାର୍ଥନୀ ତଥା ସେହି ଅଂଚଳର ବିଶିଷ୍ଟ ସମାଜ ସେବୀ ବିଳାସିନୀ ରାଉତରାୟ ନିଜ ସମର୍ଥକମାନଙ୍କ ସହିତ ରାଜ୍ୟ ସରକାରଙ୍କର କୋଭିଡ଼ ନିର୍ଦ୍ଦେଶାବଳୀକୁ ଅନୁପାଳନ କରି ନିଜ ସମର୍ଥକମାନଙ୍କ ସହିତ ଘରକୁ ଘର ଯାଇ ନିଜର ନିର୍ବାଚନ ପ୍ରଚାର ଜାରି ରଖିଛନ୍ତି। ଶ୍ରୀମତୀ ରାଉତରାୟ ଜଣେ ସମାଜ ସେବୀଭାବରେ ଏହି ଅଚଂଳରେ ବେଶ ସୁନାମ ଅର୍ଜନ କରିଛନ୍ତି। ଐତିହାସିକ ପୃଷ୍ଠ ଭୂମିରେ ଅବସ୍ଥିତ ନିଜିଗଡ଼ ତାପଙ୍ଗ ଗ୍ରାମ ଏବଂ ପଂଚାୟତ ପାଇଁ ରାସ୍ତା ଘାଟ ନିର୍ମାଣ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ସେ ସବୁକୁ ପାଥେୟ କରି ପ୍ରଥମ ଥର ନିମନ୍ତେ ୨୦୨୨ ତ୍ରିସ୍ତରୀୟ ପଚଂୟତ ନିର୍ବାଚନରେ ନିଜିଗଡ଼ ତାପଙ୍ଗ ଗ୍ରାମପଂଚାୟତରେ ସରପଂଚ ପ୍ରାର୍ଥନୀ ଭାବରେ ପ୍ରତିଦ୍ୱେନ୍ଦିତା କରୁଛନ୍ତି। ତାଙ୍କୁ ବିପୁଳ ଜନ ସମର୍ଥନ ମିଳୁଥିବା ଦେଖିବାକୁ ମଳିଥିଲା। ସେ ସରପଂଚ ଭାବରେ ନିର୍ବାଚିତ ହେଲେ ନିଜଗଡ଼ ତାପଙ୍ଗ ଗ୍ରାମପଂଚାୟତର ସମସ୍ତ ଗ୍ରାମକୁ ରାସ୍ତା, ପାନୀୟ ଜଳ ଯୋଗାଣ, ଆଲୋକି କରଣ, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରତି ପ୍ରାଥମିକତା ଦେବେ ବୋଲି କହିଥିଲେ।

# ଜଗଦ୍ ଗୁରୁ ଶ୍ରୀଧର ସ୍ୱାମୀ ଙ୍କ ଜନ୍ମ ଜୟନ୍ତୀ ପାଳନ




ବାଲେଶ୍ୱର,(ପି.ଏନ): ଆଜି ପବିତ୍ର ମାଘ ସପ୍ତମୀ ରେ ରେମୁଣା ବ୍ଲକ ଅନ୍ତର୍ଗତ ବଡପାଳ ପଞ୍ଚାୟତ ରେ ଗଙ୍ଗାହାର୍ ନଦୀ ଉପକୂଳବର୍ତ୍ତୀ ମୟୂର ଗ୍ରାମରେ ଜଗଦ୍ ଗୁରୁ ଶ୍ରୀଧର ସ୍ୱାମୀ ଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜ ସେବୀ କମଳ ଲୋଚନ ପଣ୍ଡା ଅତିଥି ପରିଚୟ କରିଥିବା ବେଳେ, ସ୍ମୃତି ପରିଷଦ ର ସଭାପତି ଡଃ ଭଗବାନ ପ୍ରସାଦ ଦାସ ମଞ୍ଚ ପରିଚାଳନା କରିଥିଲେ, ସମ୍ପାଦକ ଶ୍ରୀଯୁକ୍ତ ହରେକୃଷ୍ଣ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ର ୭ ଲହରୀ ମଠାଧୀଶ ଆଚାର୍ଯ୍ୟ ବାମପାଦ ମହାରାଜ, ମୁଖ୍ୟ ବକ୍ତା ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ ସମ୍ମାନିତ ଅତିଥି ରୁପେ ନୀଳଗିରି ମହାବିଦ୍ୟାଳୟ ର ପୂର୍ବତନ ଅଧକ୍ଷ ଶ୍ୟାମସୁନ୍ଦର ପଣ୍ଡା, ପୁଲିସ ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କବି ନିରଞ୍ଜନ ସାହୁ, ପଣ୍ଡିତ ପ୍ରତାପ ଚନ୍ଦ୍ର ପଣ୍ଡା ଶ୍ରୀଧର ସ୍ୱାମୀଙ୍କ ଶିଷ୍ୟ ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଉମାକାନ୍ତ ଉପାଧ୍ୟାୟ ମଙ୍ଗଳାଷ୍ଟକ ଉଚ୍ଚାରଣ କରିଥିଲେ। ସର୍ବଶେଷରେ ସମାଜ ସେବୀ ପରମାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସୌର ପାନୀୟ ଜଳ ପ୍ରକଳ୍ପ ଅଚଳ, ଗୋପାଳୀପଡା ଗ୍ରାମବାସୀ ହନ୍ତସନ୍ତ

ଖଣ୍ଡପଡା,(ପି.ଏନ): ଖଣ୍ଡପଡା ବ୍ଲକ ଅଧିନ ରାଣୀପଡା ପଂଚାୟତର ଗୋପାଳୀପଡା ଗ୍ରାମରେ ଅବସ୍ଥିତ ସୌର ପାନୀୟ ଜଳ ପ୍ରକଳ୍ପଟି ଗତ ୧ ବର୍ଷରୁ ଉର୍ଦ୍ଧ ସମୟ ଧରି ଅଚଳ ହୋଇପଡିଛି। ଫଳରେ ପାନୀୟ ଜଳ ସଂଗ୍ରହ ନିମନ୍ତେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଖଣ୍ଡପଡା ଗ୍ରାମ୍ୟ ଜଳ ଯୋଗାଣ କର୍ତୃପକ୍ଷଙ୍କୁ ଗ୍ରାମବାସୀ ଏ ସଂପର୍କରେ ଜଣାଇଥିଲେ ହେଁ କୌଣସି ସୁଫଳ ମିଳି ନଥିବା ଅଭିଯୋଗ ହେଉଛି । ବିଭାଗୀୟ କର୍ତୃପକ୍ଷ ଉଦାସୀନତା ଯୋଗୁଁ ସୌର ପାନୀୟ ଜଳ ପ୍ରକଳ୍ପଟି ପୁନଃ କାର୍ଯ୍ୟକ୍ଷମ ହୋଇପାରୁନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ଯୋଗ୍ୟ ଲକ୍ଷାଧିକ ଟଙ୍କା ବ୍ୟୟରେ ଗତ ୨ବର୍ଷ ତଳେ ସୌର ପାନୀୟ ଜଳ ପ୍ରକଳ୍ପଟି ସ୍ଥାପନ କରାଯାଇଥିଲା । କାର୍ଯ୍ୟକ୍ଷମ ହେବାର ୩ମାସ ପରେ ସୌର ପାନୀୟ ଜଳ ପ୍ରକଳ୍ପଟି ଅଚଳ ହୋଇପଡିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି । ଏକ ପାହାଡିଆ ଜଳକିଷ୍ଟ ଅଂଚଳ ରୁପେ ଜଣାଶୁଣା ଗୋପାଳୀପଡା ଗ୍ରାମର ବାସିନ୍ଦା ପାନୀୟ ଜଳ ମୁନ୍ଦେ ସଂଗ୍ରହ ପାଇଁ ବର୍ଷ ତମାମ ଅସୁବିଧାର ସମ୍ମୁଖିନ ହେଉଥିଲେ ହେଁ ଅଦ୍ୟାବଧି ଉକ୍ତ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇନାହିଁ । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଓ ବ୍ଲକ ପ୍ରଶାସନ ଦୃଷ୍ଟି ବୋକୁ ଦାବି ହେଉଛି । ଆଗକୁ ଗ୍ରୀଷ୍ମଋତୁ ଆସୁ ଥିବାରୁ ତୁରନ୍ତ ଅଚଳ ହୋଇ ପଡିଥିବା ସୌର ପାନୀୟ ଜଳ ପ୍ରକଳ୍ପଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଆଦର୍ଶ ଶିକ୍ଷକ ଭାଗ୍ୟଧର ଜେନାଙ୍କ ସ୍ମୃତି ଚାରଣ ସଭା

ଚଣ୍ଡିଖୋଲ,(ପିଏନ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନିଶିମଳା ଗ୍ରାମର ଆଦର୍ଶ ଶିକ୍ଷକ ତଥା ବଡ଼ଚଣା ପ୍ରାଥମିକ ଶିକ୍ଷକ ସଂଘ ପ୍ରାକ୍ତନ ସମ୍ପାଦକ ସନ୍ତୋଷ କୁମାର ଜେନାଙ୍କ ପିତା ଭାଗ୍ୟଧର ଜେନା (୮୬)ଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତି ଚାରଣ ସଭା ବାହାଦୁର କ୍ଲବ୍ ସଭାପତି ରଂଜନ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଦୀର୍ଘ ୩୫ବର୍ଷ ଶିକ୍ଷକତା ଜୀବନରେ ସ୍ୱର୍ଗତ ଜେନା ଜଣେ ଛାତ୍ର ବତ୍ସଳ, କର୍ତ୍ତବ୍ୟନିଷ୍ଠ ଓ ସମୟାନୁବର୍ତ୍ତୀ ଶିକ୍ଷକ ଭାବରେ ସମଗ୍ର ବଡ଼ଚଣା ପ୍ରତିଷ୍ଠାଲାଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଶିକ୍ଷକ ଅର୍ଜୁନ ଚରଣ ଜେନା, କୁଳମଣୀ ନାୟକ, ଲୋକନାଥ ସେନାପତି, ପୂର୍ବତନ ପଂଚାୟତ ସମିତି ଅଧକ୍ଷ କୈଳାସ ଚନ୍ଦ୍ର ରାଉତ, ଶିକ୍ଷକ ଗିରିଧାରୀ ନାୟକ, ନନ୍ଦିତା ରାୟ, ସଂଜୟ କୁମାର ସ୍ୱାଇଁ, ଦିଗମ୍ବର ଜେନା, ଗଣେଶ୍ୱର ବରାଳ, ଉମେଶ ଚନ୍ଦ୍ର ଜେନା, ଚିନ୍ମୟ ମହାନ୍ତି, ପ୍ରଦୀପ୍ତ ଜେନା, ରାଜକିଶୋର ସ୍ୱାଇଁ , ବିକାଶ ଜେନା, ଭଗବାନ ପଣ୍ଡା, ଭୋଳାନାଥ ପରିଡ଼ା, ଏକାଦଶୀ ମଳିକ, ପ୍ରଶାନ୍ତ ପୁହାଣ, ଶୈଳେନ୍ଦ୍ର ଜେନା, ପାଣ୍ଡବ ଜେନା, ନିତ୍ୟାନନ୍ଦ ଖୁଣ୍ଟିଆ, ପଦ୍ମଚରଣ ଜେନା, ମାନଗୋବିନ୍ଦ ଦାସ, ଅକ୍ଷୟ କୁମାର ସ୍ୱାଇଁ, ଚନ୍ଦ୍ରମଣୀ ଜେନା, ଶ୍ରୀପତି ଜେନା, ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ହେମନ୍ତ କୁମାର ଜେନାଙ୍କ ପ୍ରସ୍ତାବ ଅନୁଯାୟୀ ପୁତ୍ର ସନ୍ତୋଷ କୁମାର ଜେନା ଓ ପ୍ରକାଶ କୁମାର ଜେନା ସ୍ୱର୍ଗତ ଶିକ୍ଷକ ଭାଗ୍ୟଧର ଜେନାଙ୍କ ଏକ ପ୍ରତିମୂର୍ତ୍ତିର ଗ୍ରାମରେ ଥିବା ପାଠାଗାର ଠାରେ ପ୍ରତିଷ୍ଠା କରିବା ପାଇଁ ପ୍ରତିଶୃତି ଦେଇଥିଲେ।

# କାଦମ୍ବିନୀ ପକ୍ଷରୁ ଲତା ଓ ଦାମୋଦରଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,(ପି.ଏନ): ସ୍ୱର ସାମ୍ରାଜ୍ଞୀ ଭାରତରତ୍ନ ଲତା ମଙ୍ଗେସ୍କର ଓ ଓଡ଼ିଶାର ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଦାମୋଦର ହୋତାଙ୍କ ପରଲୋକରେ ମାସିକ ପାରିବାରିକ ପତ୍ରିକା କାଦମ୍ବିନୀ ଓ କୁନିକଥା ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆଜି ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସାହିତ୍ୟିକ ବସନ୍ତ ପଣ୍ଡା, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ, ସାହିତ୍ୟିକ ବିଜୟ ନାୟକ, ଧନଞ୍ଜୟ ସ୍ୱାଇଁ, କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ, ଶାନ୍ତିଲତା ବାରିକ, ସଙ୍ଗୀତା ଗୋସାଇଁ, ଆଦ୍ୟାଶା ଦାସ, ଛନ୍ଦା ମିଶ୍ର, ଅର୍ଣ୍ଣବ ପଣ୍ଡା, ପ୍ରିତିନନ୍ଦା ରାଉତରାୟ, ଅଭିନେତା ତଥା ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧକ୍ଷ କୁନା ତ୍ରିପାଠୀ, ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍ ସମ୍ପାଦକ ଦିଲିପ ହାଲି, ସଂଳାପକାର ଡ. ରଜନୀ ରଞ୍ଜନ ପ୍ରମୁଖ ଯୋଗଦେଇ ନୀରବ ପ୍ରାର୍ଥନା କରିବା ସହ ଅମର ଆତ୍ମାଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଯୋଗ ଦେଇଥିବା କଣ୍ଠଶିଳ୍ପୀମାନେ ସଂଗୀତ ମାଧ୍ୟମରେ ସ୍ୱର ସାମ୍ରାଜ୍ଞୀ ଏବଂ ସଙ୍ଗୀତଜ୍ଞ ଦାମୋଦର ହୋତାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କାଦମ୍ବିନୀ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ମଧ୍ୟ ସ୍ୱର୍ଗତ ଲତା ମଙ୍ଗେସ୍କର ଓ ଦାମୋଦର ହୋତାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

ADMISSION OPEN
MAHARISHI PUBLIC SCHOOL
STD-I TO V
25% SEATS ARE RESERVED FOR EWS STUDENTS IN STD - 1 ENROLL YOUR CHILD TODAY



FIND THE DIFFERENCE
• SURVEILLANCE THROUGH CCTV CAMERA
• SMALL CLASSES
• CONGENIAL ENVIRONMENT
• INTIMATE, SAFE & SECURED PLACE
• INDIVIDUALS ATTENTION TO EACH CHILD
• EXPERIENCED & LOVING TEACHERS
• SPECIOUS PLAYGROUND
• AC ACTIVITY ROOM
• TRANSPORT FACILITIES
MAHARISHI PLAY SCHOOL
PLAYGROUP (2+), NURSERY (3+), LKG, UKG, STD I TO V
N-4/F-24, IRC VILLAGE, NAYAPALLI, BHUBANESWAR - 751015
PH : (0674) 2558884 2550786, 9348320060
E-mail : maharishipublic13@gmail.com, Website : www.maharishipublicschool.com

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray